ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୨୫, ଭୁବନେଶ୍ୱର: ଜୁନ୍ ୩୦-୦୬, ୨୦୨୫ Vol-16, Issue-25, Bhubaneswar : June 30-06, 2025

RNI NO.ODIODI/2010/33715

# ଇ-ରେଜିଷ୍ଟ୍ରେସନ୍ ମୋବାଇଲ୍ ଆପ୍ ଲୋକାର୍ପିତ

ଭୁବନେଶ୍ୱର: ରାଜସ୍ୱ ସେବା ଏବେ ଲୋକଙ୍କ ନିକଟତର ହୋଇଛି। ଇ-ରେଜିଷ୍ଟ୍ରେସନ୍ ଆପ୍ ଡିଜିଟାଲ୍ ସେବା ପ୍ରଦାନରେ ରାଜ୍ୟ ସରକାରଙ୍କ ଏକ ବଡ଼ ମାଇଲ୍‌ଷ୍ଟୋନ୍। ଏହି ଆପ୍ ମାଧ୍ୟମରେ ଲୋକମାନେ ଘରେ ବସି ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ୍ ମାଧ୍ୟମରେ ଇସି, ଦଲିଲ୍ ପଞ୍ଜିକରଣ ପାଇଁ ସ୍ଲଟ୍ ବୁକିଂ ଓ ସାର୍ଟିଫାଏଡ୍ କପି ପାଇଁ ଆବେଦନ କରିପାରିବେ। ଜମିର ବେଞ୍ଚମାର୍କ ମୂଲ୍ୟ ମଧ୍ୟ ଏହି ଆପ୍ ମାଧ୍ୟମରେ ଜାଣିହେବ। ଏହି ଆପ୍‌ରେ ସବ୍‌ରେଜିଷ୍ଟ୍ରାର୍ ଅଫିସ ସମ୍ପର୍କରେ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ମିଳିବ। ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ପେପର୍‌ଲେସ୍ ଓ କ୍ୟାସ୍‌ଲେସ୍ ହୋଇପାରିଛି। ଏହାଦ୍ୱାରା ସବ୍‌ରେଜିଷ୍ଟ୍ରାର୍ ଅଫିସରେ ଅଯଥା ଭିଡ଼ ହ୍ରାସ ହୋଇପାରିବ। ଲୋକସେବା ଭବନରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ଇ-ରେଜିଷ୍ଟ୍ରେସନ୍ ମୋବାଇଲ୍ ଆପ୍‌ର ଲୋକାର୍ପଣ କରି ଏହା ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ ଆମର ବିପର୍ଯ୍ୟୟ ପରିଚାଳନାରେ ଆମ ଦକ୍ଷତା ଉପରେ ସାରା ବିଶ୍ୱର ନଜର ଅଛି। ତେଣୁ ଆମକୁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ, ଲୋକଙ୍କ ସରକାର ଲୋକଙ୍କ କାମ କରୁଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଲେ ଯେ ବାତ୍ୟା ଦାନା ସମୟରେ ମୁଖ୍ୟମନ୍ତ୍ରୀ ସାତଦିନ ଧରି ସକାଳୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ କଣ୍ଟ୍ରୋଲ୍ ରୁମ୍‌ରେ ଉପସ୍ଥିତ ରହି ବାତ୍ୟା ପରିଚାଳନାର ସିଧାସଳଖ ତଦାରଖ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ରାଜସ୍ୱ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ।

ତେଜସ୍ୱିନୀ

**ବିଶେଷ ଦୃଷ୍ଟି ଆକର୍ଷଣ**

- ସହସ୍ର ବାହୁ ମନ୍ଦିର
- ସୁନ୍ଦର କିନ୍ତୁ ଭୟଙ୍କର
- ଓଜନ କମାଏ ବିଟଲୁଣ
- ପରଫେକ୍ଟ ସ୍କର୍ଟ ଲୁକ୍

# ଶ୍ରୀକ୍ଷେତ୍ରରେ ଦିବ୍ୟ ଓ ଭବ୍ୟ ବିଶ୍ୱପ୍ରସିଦ୍ଧ ରଥଯାତ୍ରା

## ଏକାକାର ଭକ୍ତ-ପଥ ଓ ଭଗବାନ

ଭୁବନେଶ୍ୱର: ପୁରୀରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରତ୍ନବେଦି ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସିଛନ୍ତି ବିଶ୍ୱନିୟନ୍ତା। ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କର ହୋଇଛି ଅପୂର୍ବ ମିଳନ। ଏନେଇ ସକାଳୁ ସକାଳୁ ପୁରୀ ବଡ଼ଦାଣ୍ଡ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। 'ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ଚଳିତବର୍ଷ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ଆୟୋଜନ କରିବା ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ବନ୍ଦୋବସ୍ତ କରାଯାଇଥିଲା।

ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଶୁକ୍ରବାର ସକାଳ ୭. ୧୫ମିନିଟ୍‌ରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ସମ୍ପନ୍ନ ହୋଇଥିଲା। ୭ଟା ୩୦ରେ ମଇଲମ ଓ ତଡ଼ପ ଲାଗି, ୭ଟା ୫୫ରେ ଅବକାଶ ପରେ ୮ଟା ୩୦ରେ ସୂର୍ଯ୍ୟପୂଜା, ସାଢ଼େ ୮ଟା ୪୦ରେ ଦ୍ୱାରପାଳ ପୂଜା କରାଯାଇଥିଲା। ସେହିପରି ସକାଳ ୮ଟା ୪୫ରୁ ୯ଟା ୪୫ ମଧ୍ୟରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ (ଖେଚୁଡ଼ି ଭୋଗ) ନୀତି ପରେ ୧୦ଟା ୧୫ରେ ମଙ୍ଗଳାର୍ପଣ କରାଯାଇଥିଲା।



ପରେ ତିନିରଥରେ ବିଜେ ହୋଇଥିଲେ ତିନି ଠାକୁର। ଧାଡ଼ି ପହଣ୍ଡିରେ ୧୦. ୨୦ମିନିଟ୍‌ରେ ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କର ପହଣ୍ଡି କରାଯାଇ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ବିଜେ କରିବା ପରେ ଆସିଥିଲେ ବଡ଼ଠାକୁର ବଳଭଦ୍ର। ତା'ପରେ ମା' ସୁଭଦ୍ରା ଓ ଶେଷରେ ପ୍ରଭୁ ଜଗନ୍ନାଥ ରଥାରୂଢ଼ ହୋଇ ପହଣ୍ଡି ଶେଷ ହୋଇଥିଲା ୧୨. ୩୦ ମିନିଟରେ। ପରେ ରାମକୃଷ୍ଣ ଓ ମଦନମୋହନ ୧୨. ୫୦ ମିନିଟ୍‌ରେ ରଥକୁ ବିଜେ ହୋଇଥିଲେ। ପରେ ଶ୍ରୀଜିଉମାନଙ୍କୁ ୨ଟାରେ ଚିତା ଲାଗି କରାଯାଇଥିଲା। ପରେ ରଥ ଉପରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା ଛେରାପହଁରା ନୀତି କରାଯାଇଥିଲା। ଗଜପତି ମହରାଜ ଶ୍ରୀନଅରରୁ ତାମ୍ରଯାନରେ ଆସି ରଥ ସମ୍ମୁଖରେ ପହଞ୍ଚିଥିଲେ। ଶ୍ରୀଜିଉମାନଙ୍କ ଆଳତୀ ବନ୍ଦାପନା ସହ ଚାମର ସେବା କରିଥିଲେ ଗଜପତି ମହାରାଜ। ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜ ପ୍ରଥମେ ତାଳଧ୍ୱଜ, ନନ୍ଦିଘୋଷ ଓ ପରେ ଦର୍ପଦଳନ ରଥରେ ଚଢ଼ି ସୁବାସିତ ଜଳ ସିଞ୍ଚନ କରିଥିଲେ। ପରେ ସୁବର୍ଣ୍ଣ ଖଡ଼ିକାରେ ଛେରାପହଁରା କରିଥିଲେ। ତାଳଧ୍ୱଜରେ ବଡ଼ଠାକୁର ବଳଭଦ୍ର, ଦର୍ପଦଳନରେ ମା' ସୁଭଦ୍ରା ଓ ନନ୍ଦିଘୋଷ ରଥରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଛେରାପହଁରା କରିଥିଲେ ଗଜପତି। ପରେ ୨. ୫୦ମିନିଟ୍‌ରୁ ଚାର ଫିଟା ଯାଇ ରଥରେ ଘୋଡ଼ା ଯୋଚା ଆରମ୍ଭ ହୋଇଥିଲା। ତେବେ ନୀତି ନିର୍ଘଣ୍ଟର ୮ ମିନିଟ୍ ବିଳମ୍ବରେ ରଥ ଟଣା ଆରମ୍ଭ ହୋଇଥିଲା। ୪. ୦୮ ମିନିଟ୍ ସମୟରେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥ, ୬. ୦୮ ମିନିଟ ସମୟରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ୭.୪୬ ମିନିଟ୍ ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଶରଧାବାଲି ଅଭିମୁଖେ ଗଡ଼ିଥିଲା। ନୀତି ନିର୍ଘଣ୍ଟ ସମୟ ପୂର୍ବରୁ ପହଣ୍ଡି ବିଜେ କରିଥିଲେ ଶ୍ରୀଜିଉ। ରଥଟଣା ଯିବା ବେଳେ ପୁରୀ ବଡ଼ଦାଣ୍ଡ ଘଣ୍ଟ, ଶଙ୍ଖର ତାଳେତାଳେ ହରିବୋଲ ଓ ହୁଳହୁଳି ଶବ୍ଦରେ କମ୍ପି ଉଠିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ପତ୍ନୀ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ। ତାଙ୍କ ସହ ମନ୍ତ୍ରୀ, ବିଧାୟକ ମଧ୍ୟ ରଥକୁ ଗଡ଼େଇ ନେଇଥିଲେ। ଏହି ଅବସରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ତାଙ୍କ ସ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ହାଇକୋର୍ଟ ମୁଖ୍ୟ ବିଚାରପତି ପ୍ରମୁଖ ଉପସ୍ଥିତ ଥିଲେ।

# ୬୯ ଟଙ୍କା ବଢ଼ିଲା ସର୍ବନିମ୍ନ ଧାନ ମୂଲ୍ୟ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ୨୦୨୫-୨୬ ବିପଣନ ଋତୁ ପାଇଁ ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧିକୁ ମଞ୍ଜୁରି ଦେଇଛନ୍ତି। ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି, ଦେଶର କୋଟି କୋଟି କୃଷକମାନଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ପାରିଶ୍ରମିକ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ ସରକାର ୨୦୨୫-୨୬ ପାଇଁ ଖରିଫ ଫସଲର ଏମ୍‌ଏସ୍‌ପି ବୃଦ୍ଧି କରିଛନ୍ତି। ତେବେ ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଯୋଗୁ କେନ୍ଦ୍ର ସରକାର ପ୍ରାୟ ୨ ଲକ୍ଷ ୭ ହଜାର କୋଟି ଟଙ୍କା ଅତିରିକ୍ତ ଭାବେ ଖର୍ଚ୍ଚ କରିବେ।

ଶ୍ରୀ ବୈଷ୍ଣବ କହିଛନ୍ତି, ୨୦୨୫-୨୬ ଖରିଫ ଋତୁ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ପୂର୍ବ ଧାର୍ଯ୍ୟ ମୂଲ୍ୟ ତୁଳନାରେ ୬୯ ଟଙ୍କା ବୃଦ୍ଧି କରି ୨,୩୬୯ ଟଙ୍କା କରିବାକୁ ମଞ୍ଜୁରୀ ଦେଇଛନ୍ତି। ଏହାର ଅର୍ଥ ପୂର୍ବରୁ କେନ୍ଦ୍ର ସରକାର ଧାନ (କ୍ୱିଣ୍ଟାଲ ପ୍ରତି) ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଦେଉଥିବା ବେଳେ ଏବେ ଏହା ୨୩୬୯ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଏ ଗ୍ରେଡ୍ ଧାନ ମୂଲ୍ୟ ଏବେ କ୍ୱିଣ୍ଟାଲ ପିଛା ୨୩୮୯ ଟଙ୍କାକୁ ବୃଦ୍ଧି ପାଇଛି। ଧାନ ସହିତ ତୈଳବୀଜ ଫସଲ, ବାଣିଜ୍ୟିକ ଫସଲ କପା ଏବଂ ଡାଲି ଜାତୀୟ ଫସଲଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ ମଧ୍ୟ ବିଗତ ବର୍ଷ ତୁଳନାରେ ଯଥେଷ୍ଟ ବୃଦ୍ଧି ପାଇଛି। ତୈଳବୀଜ ବର୍ଗରେ ଚିନାବାଦାମ୍‌ର ସର୍ବନିମ୍ନ ସହାୟକ ମୂଲ୍ୟ ୪୮୦ ଟଙ୍କା ବୃଦ୍ଧି କରାଯାଇଛି। ପୂର୍ବରୁ ଏହା କ୍ୱିଣ୍ଟାଲ୍ ପିଛା ୬୭୮୩ ଟଙ୍କା ଥିବା ବେଳେ ଏବେ ଏହା ୭୨୬୩ ଟଙ୍କାକୁ ବୃଦ୍ଧି ପାଇଛି। ନାଇଜର ସିଡ୍ ବା କଳା ରାଶି ମୂଲ୍ୟ କ୍ୱିଣ୍ଟାଲ ପିଛା ୮୨୦ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଏହାର ସର୍ବନିମ୍ନ ସହାୟକ ମୂଲ୍ୟ ଏବେ ୯୫୩୭ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ପୂର୍ବବର୍ଷ ଏମ୍‌ଏସ୍‌ପି ତୁଳନାରେ ଏଣିକି ସୂର୍ଯ୍ୟମୁଖୀ ମଞ୍ଜି କ୍ୱିଣ୍ଟାଲ ପିଛା ୪୪୧ ଟଙ୍କା, ସୋୟାବିନ୍ (ହଳଦିଆ) କ୍ୱିଣ୍ଟାଲ ପିଛା ୪୩୬ ଟଙ୍କା, ରାଶି କ୍ୱିଣ୍ଟାଲ ପିଛା ୫୭୯ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବାଣିଜ୍ୟିକ ଫସଲ ରୂପେ କପାର ଉଭୟ କିସମ (ମଧ୍ୟମ ଷ୍ଟେପଲ୍ ଏବଂ ଲମ୍ବା ଷ୍ଟେପଲ୍) ମୂଲ୍ୟ କ୍ୱିଣ୍ଟାଲ ପିଛା ୫୮୯ ଟଙ୍କା ଲେଖାଏ ବୃଦ୍ଧି କରାଯାଇଛି। ଡାଲି ଜାତୀୟ ଫସଲ ମଧ୍ୟରେ ହରଡ, ମୁଗ ଏବଂ ବିରି ଆଦିର ସର୍ବନିମ୍ନ ସହାୟକ ମୂଲ୍ୟ (କ୍ୱିଣ୍ଟାଲ ପିଛା) ଯଥାକ୍ରମେ ୪୫୦ ଟଙ୍କା, ୮୬ ଟଙ୍କା ଏବଂ ୪୦୦ ଟଙ୍କା ବୃଦ୍ଧି କରାଯାଇଛି। ଧାନ ବ୍ୟତୀତ ଅନ୍ୟ ଫସଲଗୁଡ଼ିକ ମଧ୍ୟରେ ମାଣ୍ଡିଆ ମୂଲ୍ୟରେ କ୍ୱିଣ୍ଟାଲ ପିଛା ୫୯୬ ଟଙ୍କା, ମକା ମୂଲ୍ୟ ଉପରେ କ୍ୱିଣ୍ଟାଲ ପିଛା ୧୭୫ ଟଙ୍କା, ବାଜରା ମୂଲ୍ୟରେ କ୍ୱିଣ୍ଟାଲ ପିଛା ୧୫୦ ଟଙ୍କା ଲେଖାଏ ବୃଦ୍ଧି କରାଯାଇଛି। ଯଅ'ର ଉଭୟ ମାଲଦାଣ୍ଡି କିସମ ଏବଂ ହାଇବ୍ରିଡ୍ କିସମର ମୂଲ୍ୟ କ୍ୱିଣ୍ଟାଲ ପିଛା ୩୨୮ ଟଙ୍କା ଲେଖାଏ ବୃଦ୍ଧି କରାଯାଇଛି ଯାହାଦ୍ୱାରା ଏହାର ମୂଲ୍ୟ କ୍ୱିଣ୍ଟାଲ ପିଛା ଯଥାକ୍ରମେ ୩୭୪୯ ଏବଂ ୩୬୯୯ ଟଙ୍କାକୁ ବୃଦ୍ଧି ପାଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, କେନ୍ଦ୍ର କ୍ୟାବିନେଟ୍ କୃଷକଙ୍କ ପାଇଁ ଉଦ୍ଦିଷ୍ଟ ସୁଧ ସବ୍‌ସିଡି ଯୋଜନାକୁ ମଧ୍ୟ ମଞ୍ଜୁରୀ ଦେଇଛି। ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ କିଷାନ କ୍ରେଡିଟ କାର୍ଡ ପ୍ରଚଳନ କରାଯାଇଥିଲା। ଏହା ଚାଷୀମାନଙ୍କୁ ସେମାନଙ୍କ କାମ ପାଇଁ ଋଣ ନେବା ବହୁତ ସହଜ କରିଛି। ଏହି ଯୋଜନାରେ, ଚାଷୀମାନଙ୍କୁ ୪% ସୁଧରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇବାକୁ ସୁବିଧା ରହିଛି। ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ କୌଣସି ଗ୍ୟାରେଣ୍ଟି ନିଆଯିବ ନାହିଁ। ଦେଶରେ ୭.୭୫ କୋଟିରୁ ଅଧିକ କିଷାନ କ୍ରେଡିଟ କାର୍ଡ ଆକାଉଣ୍ଟ ଅଛି। ଅର୍ଥାତ୍ ଏହି ଯୋଜନା ଅନ୍ତର୍ଗତ କେନ୍ଦ୍ର ସରକାର ୧୫ହଜାର ୬୪୨ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ଏବେ କ୍ଷୁଦ୍ର ଏବଂ ସୀମାନ୍ତ ଚାଷୀଙ୍କ ପାଇଁ ଏକ ବଡ଼ ଲାଭ ହେବ।

# ଗଞ୍ଜେଇ ମୁକ୍ତ ହେବ ଓଡ଼ିଶା

**ଭୁବନେଶ୍ୱର:** ଗଞ୍ଜେଇ ମୁକ୍ତ ହେବ ଓଡ଼ିଶା। ରାଜ୍ୟ ସାରା ଗଞ୍ଜେଇ ଚାଷ ଓ ଏହାର ଅବୈଧ ବାଣିଜ୍ୟକୁ ଦୂର କରିବା ପାଇଁ ଏକ ଯୋଜନାବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି, ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଆର୍ଥିକ ଲାଭର ପ୍ରତିଶ୍ରୁତି ଦେଇ ଡ୍ରଗ୍ସ ମାଫିଆମାନେ ପ୍ରାୟତଃ ଗଞ୍ଜେଇ ଚାଷ କରିବାକୁ ପ୍ରଲୋଭିତ କରିଥାନ୍ତି। ଏହି ଆଦିବାସୀ ବହୁଳ ଅଞ୍ଚଳରେ ଗଞ୍ଜେଇ ଚାଷରୁ ଦୂରେଇ ରହିବାକୁ ସରକାର ଅନୁରୋଧ କରିଛନ୍ତି। ସେଥିପାଇଁ ରାଜ୍ୟ ସରକାର ଗଞ୍ଜେଇ ଚାଷର ବିପଦ ଓ ଏହାର ଆଇନଗତ ପରିଣାମ ବିଷୟରେ ଆଦିବାସୀ ସମ୍ପ୍ରଦାୟକୁ ସଚେତନ କରିବା ପାଇଁ ସଚେତନତା ଅଭିଯାନ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ଚଳିତ ବର୍ଷ, ଆମେ ସର୍ବାଧିକ ଅବୈଧ ଗଞ୍ଜେଇ ଚାଷକୁ ନଷ୍ଟ କରିଛୁ। ଆଦିବାସୀ ଜନସଂଖ୍ୟାକୁ ଶୋଷଣରୁ ରକ୍ଷା କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଅବକାରୀ ବିଭାଗ ଓ ସାଧାରଣ ପୁଲିସ ମଧ୍ୟରେ ଅନେକ ମିଳିତ ରଣନୀତି ଉପରେ ଏନେଇ ଆଲୋଚନା କରାଯାଇଛି। ଗଞ୍ଜେଇ ଚାଷକୁ ମୂଳପୋଛ କରିବା ଓ ଅପରାଧୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି।

# ପ୍ରାଥମିକ ଶିକ୍ଷା ଓ ବିଦ୍ୟାଳୟ ପରିଚାଳନା କମିଟି

ଗୋଟିଏ ସମୟରେ ପିଲାମାନଙ୍କର ଭବିଷ୍ୟତକୁ ଆଖି ଆଗରେ ରଖି ଗୋଟିଏ ଗାଁର ଗ୍ରାମବାସୀ ବା ଦୁଇଚାରି ଖଣ୍ଡ ଗାଁର ଲୋକ ମିଶି ଗ୍ରାମପୁର କେନ୍ଦ୍ରସ୍ଥଳରେ ବିଦ୍ୟାଳୟଟେ ସ୍ଥାପନ କରୁଥିଲେ। ଗୃହ ନିର୍ମାଣ ସକାଶେ କିଏ ଜାଗା ଯୋଗାଇ ଦେଉଥିଲା ତ କିଏ ଶ୍ରମଦାନ କରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରୁଥିଲେ। ଶିକ୍ଷକମାନେ ଥିଲେ ଗାଁର ଆଦର୍ଶ। ଗାଁର ପ୍ରତ୍ୟେକ କଥାରେ ଶିକ୍ଷକଙ୍କ ଭାଗୀଦାରିତା ରହୁଥିଲା। ଯେଉଁ ଗାଁରେ ବିଦ୍ୟାଳୟଟେ ଥିବ, ସେ ଗାଁ ଅନ୍ୟ ଗାଁର ନଜରରେ ଉଚ୍ଚରେ। କାଁ ଭାଁ ସେତେବେଳେ କିଛି ବିଦ୍ୟାଳୟ ସ୍ଥାପିତ ହୋଇଥିବାବେଳେ ପିଲାମାନଙ୍କୁ ଅନେକ କିଲୋମିଟର ବାଟ ଚାଲିକି ଯିବାକୁ ହେଉଥିଲା ବିଦ୍ୟାଳୟରେ ପହଞ୍ଚିବାକୁ। ଠିକ୍ ସେହିପରି ମାଟ୍ରିକ୍ ସମ୍ପୂର୍ଣ୍ଣ କରିବା ଏକ ବହୁତ ବଡ଼ କଥା ଥିଲା। ସେତେବେଳେ ବିଦ୍ୟାଳୟର ପରିଚାଳନା ସକାଶେ ଗାଁର କିଛି ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହେଉଥିଲା। ପିଲାମାନେ କିପରି ଭଲ ପଢ଼ିବେ ତାହା ଥିଲା କମିଟିର ପ୍ରାଥମିକତା। ସେଥିସକାଶେ ପାଣ୍ଠି ସଂଗ୍ରହ, ଶିକ୍ଷକ ଖୋଜିବାଠାରୁ ଆରମ୍ଭ କରି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସକାଶେ ଯାହା ଯାହା ଆବଶ୍ୟକ ସବୁ କରୁଥିଲେ।

ସାମ୍ପ୍ରତିକ ସମୟରେ ବିଭିନ୍ନ ପ୍ରକାରର ବିଦ୍ୟାଳୟ ସ୍ଥାପନ ହେବା ଫଳରେ ସମ୍ଭ୍ରାନ୍ତ ବଂଶର ସନ୍ତାନ ସନ୍ତତି ପ୍ରାୟତଃ ଆଉ ଗାଁ ସ୍କୁଲରେ ପଢୁନାହାନ୍ତି। ବାପାମାଆଙ୍କ ଧାରଣା ଇଂଲିଶ ମାଧ୍ୟମ ସ୍କୁଲରେ ପଢ଼ିଲେ ପୁଅଝିଅ ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ତେଣୁ ସେମାନେ ପିଲାମାନଙ୍କର ଉତ୍ତମଶିକ୍ଷାକୁ ସୁନିଶ୍ଚିତ କରିବା ନାଁରେ ଗାଁ ଛାଡ଼ି ସହରରେ ଯାଇ ରହୁଛନ୍ତି। ତେଣୁ ଗାଁ ସ୍କୁଲରେ ସମ୍ଭ୍ରାନ୍ତ ପରିବାରର ପୁଅଝିଅ ନ ପଢ଼ିବା କାରଣରୁ ମାତାପିତା (ଯିଏ ସଚେତନ ନାଗରିକ), ଶିକ୍ଷକ ବିଦ୍ୟାଳୟ ଆସିବାରେ ବିଳମ୍ବକଲେ ବା ଉପଯୁକ୍ତ ଭାବରେ ଶିକ୍ଷାଦାନ ନ କଲେ ପ୍ରଶ୍ନ ପଚାରୁଥିଲେ, ତାଙ୍କର ଭାଗୀଦାରିତା ରହିଲା ନାହିଁ। ଫଳତଃ ଗାଁରେ ଥିବା ବିଦ୍ୟାଳୟ ସବୁରେ ଶିକ୍ଷାଦାନର ମାନ ସ୍ୱତଃ ହ୍ରାସ ପାଇଲା। ଆଜି ବିଦ୍ୟାଳୟରେ ଯେଉଁ ବିଦ୍ୟାଳୟ ପରିଚାଳନା କମିଟି ରହିଛି ତାହା ଅନେକ ସ୍ଥଳେ କାଗଜ କଲମରେ ସୀମିତ। କମିଟିରେ ଥିବା ସଭାପତିଙ୍କୁ ଛାଡ଼ିଦେଲେ ଆଉ କେହି ସକ୍ରିୟ ସଦସ୍ୟ ନ ଥିବେ। ସଭାପତିଙ୍କ ଧ୍ୟାନ ପୁଣି ଶିକ୍ଷାର ମାନରେ ଉନ୍ନତି ଆଣିବା ପରିବର୍ତ୍ତେ ନିର୍ମାଣ କାର୍ଯ୍ୟ ଭଳି ଯେଉଁ କାମରେ ତାଙ୍କୁ ଦୁଇ ପଇସା ମିଳିବ ସେଥିପାଇଁ ସେ ବେଶ୍ ଚିନ୍ତିତ। ଏପଟେ ପ୍ରଧାନଶିକ୍ଷକ ବି ନିଜର ଦୋଷ ଦୁର୍ବଳତା ଘୋଡ଼ାଇବା ପାଇଁ ସଭାପତିଙ୍କ ପାଟି ବନ୍ଦ କରାଇବା ସକାଶେ ଚିନ୍ତିତ। ନିର୍ଦ୍ଧାରିତ ତାରିଖରେ କମିଟିର ବୈଠକ ପ୍ରାୟତଃ ହେଉ ନ ଥିବା ଦୃଷ୍ଟି ଗୋଚର ହୁଏ। କୋରମ ଅଭାବରୁ ଅନେକ ସ୍ଥଳେ ଘର ଘର ବୁଲି କମିଟିର ସଦସ୍ୟଙ୍କ ଦସ୍ତଖତ ସଂଗ୍ରହ କରିବା ଦେଖିବାକୁ ମିଳେ। ଏହା ଭିତରେ ସରକାର ବିଗତ କିଛିଦିନ ହେଲା ବୈଠକ ସକାଶେ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରୁଛନ୍ତି ଏବଂ ଏହି ତାରିଖ କମିଟି ସଦସ୍ୟଙ୍କୁ ସବୁବେଳେ ସୁହାଉ ନାହିଁ, କାରଣ ବାହାଘର ଋତୁରେ ବାହାଘର, ଚାଷ ଋତୁରେ ଚାଷକୁ କମିଟି ସଦସ୍ୟ ପ୍ରାଥମିକତା ଦେବା ଫଳରେ ଉପସ୍ଥାନ ସନ୍ତୋଷଜନକ ରହିନାହିଁ। ଶିକ୍ଷା ପ୍ରତି ଅନେକ ମାତ୍ରାରେ ସଚେତନ ନ ଥିବା କାରଣରୁ ବୈଠକରେ ଯୋଗଦେବା ନିମନ୍ତେ ଛାତ୍ରୀଛାତ୍ରଙ୍କ ଅନୁରୋଧକୁ ମଧ୍ୟ ଅଭିଭାବକ ଗୁରୁତ୍ୱ ଦେଇ ନ ଥାନ୍ତି। ବୈଠକ ସୁଚାରୁ ରୂପେ ସମ୍ପନ୍ନ ନ ହୋଇପାରିବା କାରଣରୁ ଅଧାରୁ ପାଠଛଡ଼ା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ଭଳି ସମସ୍ୟା ସବୁକୁ ହ୍ରାସ କରିବାରେ କମିଟି ସଫଳ ହୋଇପାରୁ ନାହିଁ।

ବିଦ୍ୟାଳୟ ବାହାରେ କୌଣସି ଶିଶୁ ରହିବେ ନାହିଁ ଏବଂ ଶିକ୍ଷାର ମାନରେ ଉନ୍ନତି ଆଣିବା ନିମିତ୍ତ କେନ୍ଦ୍ର ସରକାର ୨୦୦୯ରେ ମାଗଣା ତଥା ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ ପ୍ରଣୟନ କଲେ, ଯାହା ୨୦୧୦ରେ ଓଡ଼ିଶାରେ କାର୍ଯ୍ୟକାରୀ ହେଲା। ଉକ୍ତ ଆଇନ ଅନୁସାରେ ବିଦ୍ୟାଳୟ ପରିଚାଳନା କମିଟିର ତିନି ଚତୁର୍ଥାଂଶ ସଭ୍ୟାସଭ୍ୟ ମାତାପିତାଙ୍କ ମଧ୍ୟରୁ ରହିବାର ବ୍ୟବସ୍ଥା ଥିବାବେଳେ ତାଙ୍କ ମଧ୍ୟରୁ ଜଣେ ସଭାପତି ମନୋନୀତ ହେବେ। ଏହାବାଦ୍ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ କମିଟିର ସମ୍ପାଦକ ଭିନ୍ନ ଜଣେ ପଞ୍ଚାୟତ ପ୍ରତିନିଧି(ୱାର୍ଡମେମ୍ବର), ଜଣେ ସ୍ୱେଚ୍ଛାସେବୀଙ୍କୁ ଏହି କମିଟିର ସଭ୍ୟରୂପେ ମନୋନୀତ କରାଯିବାର ବ୍ୟବସ୍ଥା ରହିଲା। କମିଟିର ବୈଠକ ପ୍ରତି ମାସ ଆୟୋଜନ ହେବାର ପ୍ରାବଧାନତା ମଧ୍ୟ ଏଥିରେ ରହିଛି। କିନ୍ତୁ ଅସଲରେ ବୈଠକ ଅନେକ ସ୍ଥାନରେ ନ ହେଉଥିବା କାରଣକୁ ବୋଧହୁଏ ହୃଦ୍‌ବୋଧ କରି ଓଡ଼ିଶା ସରକାର ତତ୍ପରତା ପୂର୍ବକ ପ୍ରତି ତିନି ମାସରେ ଥରେ ଏହି ବୈଠକର ଆୟୋଜନ କରିବାକୁ ସମସ୍ତ ବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ତରଫରୁ ମଧ୍ୟ ଅତିରିକ୍ତ ଯତ୍ନର ସହିତ ଏହି ବୈଠକ ଆୟୋଜନ କରାଯାଉଛି। କିନ୍ତୁ କମିଟିର ସଦସ୍ୟଙ୍କ ଉପସ୍ଥାନ ଯେଉଁଭଳି ରହିବା କଥା ତାହା ରହୁନାହିଁ। ଏଠି ସରକାର ବୈଠକକୁ ସୁନିଶ୍ଚିତ କରିବା ସକାଶେ ପ୍ରଧାନଶିକ୍ଷକଙ୍କ ଉପରେ ଉତ୍ତର ଦାୟିତ୍ୱ ଲଦି ଦେଲେ ଫଳତଃ ଯେମିତି ସେମିତି ହେଉ ବୈଠକ ହେଲା କିନ୍ତୁ ଆଇନର ପ୍ରାବଧାନତା ଅନୁଯାୟୀ ଯେଉଁ ପ୍ରତିମାସ ବୈଠକ ହେବା କଥା ତାହା ହେଲା ନାହିଁ।

ସେ ଯାହା ହେଉ, ବିଦ୍ୟାଳୟ ଶିକ୍ଷାରେ ଉନ୍ନତି ଆଣିବା ସକାଶେ ବିଦ୍ୟାଳୟ ପରିଚାଳନା କମିଟିର ଗୁରୁତ୍ୱ ଅପରିହାର୍ଯ୍ୟ। ତେଣୁ ସରକାର ଆନ୍ତରିକତାର ସହିତ ଏଥିରେ ସୁଧାର ନିମିତ୍ତ ଗାଁର ସମସ୍ତ ବର୍ଗର ଜନସାଧାରଣଙ୍କୁ ସାମିଲ କରିବାର ପ୍ରୟାସ ପୂର୍ବକ ଆଗଭଳି ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ନେଇ କମିଟି ଗଠନ କରନ୍ତୁ। କମିଟି ଭିନ୍ନ ଶିକ୍ଷକ-ଅଭିଭାବକ ବୈଠକ ନିୟମିତ ଭାବରେ (ଅନ୍ତତଃ ପ୍ରତି ତିନି ମାସରେ ଥରେ)ଆୟୋଜନ କରିବା ଆବଶ୍ୟକ; ଯଦ୍ଦ୍ୱାରା ମାତାପିତା, ଅଭିଭାବକ ଛାତ୍ରୀଛାତ୍ରଙ୍କ ସୁବିଧା ଅସୁବିଧା ସମ୍ବନ୍ଧରେ ଅବଗତ ହୋଇ ଶିକ୍ଷକଙ୍କ ସହିତ ଉପଯୁକ୍ତ ସମାଧାନ ନିମନ୍ତେ ଖୋଲାଖୋଲି ଭାବରେ ଆଲୋଚନା କରି ପାରିବେ। ବିଦ୍ୟାଳୟ ପରିଚାଳନା ବୈଠକ ତଥା ଶିକ୍ଷକ-ଅଭିଭାବକ ବୈଠକ ଦିନ ଛାତ୍ରୀଛାତ୍ର ବିଦ୍ୟାଳୟର ଫାଟକ ଆଗରେ ଛିଡ଼ା ହୋଇ ଅତିଥିମାନଙ୍କୁ ସ୍ୱାଗତ କଲେ ଅତିଥିମାନେ ଏହିସବୁ ବୈଠକର ଆବଶ୍ୟକତା ଏବଂ ବିଦ୍ୟାଳୟ ତରଫରୁ ତାଙ୍କୁ ଦିଆ ଯାଉଥିବା ସମ୍ମାନକୁ ଅନୁଭବ କରିବେ ଏବଂ ପରବର୍ତ୍ତୀ ବୈଠକମାନଙ୍କରେ ଯୋଗଦେବାକୁ ଆଗ୍ରହ ପ୍ରକାଶ କରନ୍ତେ। ବିଦ୍ୟାଳୟର ବଗିଚା ତଥା କୋଠାକୁ ଆକର୍ଷଣୀୟ କରିବା ସହିତ ଶିକ୍ଷଣୀୟ କରିପାରିଲେ ଛାତ୍ରୀଛାତ୍ର, ଶିକ୍ଷକ ତଥା ଅଭିଭାବକ ସମସ୍ତଙ୍କ ପାଇଁ 'ଆମ ବିଦ୍ୟାଳୟ'ର ମନୋଭାବ ଜାଗରିତ କରିପାରନ୍ତା, ଯାହା ବିଦ୍ୟାଳୟର ଉନ୍ନତିରେ ବେଶ୍ ସହାୟକ। ସର୍ବୋପରି ଗାଁର ବିଦ୍ୟାଳୟକୁ ସରକାରୀ ବିଦ୍ୟାଳୟ କହି ସରକାର ଅନେକ କଥାରେ ଗ୍ରାମବାସୀଙ୍କୁ ବାରଣ ନ କରି ବରଂ ତାଙ୍କର ଭାଗୀଦାରିତାକୁ ଉତ୍ସାହିତ କଲେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ହୋଇ ପାରନ୍ତା, ଏଥିରେ ଦ୍ୱିମତ ହେବାର ନାହିଁ।

# ଅଣଧାନ ଚାଷର ଆବଶ୍ୟକତା

ସବୁଜ ବିପ୍ଳବ ପରେ ପରେ ଯେବେ ଯନ୍ତ୍ର ସଭ୍ୟତା ଆମ ଅର୍ଥନୀତିରେ ମୁଣ୍ଡଟେକିଲା ସେବେ ଖାଦ୍ୟ ଖାଇବାର ଆବଶ୍ୟକତା ବି ସେତିକି ବଢ଼ିଚାଲିଲା। ୨୦୫୦ ସୁଦ୍ଧା ସାରା ବିଶ୍ୱରେ ସବୁ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ପାଖପାଖି ୭୦ ପ୍ରତିଶତରୁ ଅଧିକ ଉତ୍ପାଦନ କରିବାର ଆବଶ୍ୟକତା ରହିଛି। ଆମ ହେତୁ ହେବା ଦିନରୁ ଧାନ ଆମର ମୁଖ୍ୟ ଫସଲ ବୋଲି ଆମେ ଶୁଣିଆସିଛୁ। ଏ କଥା ସତ ଯେ ଆମ ରାଜ୍ୟରେ ଅନେକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ବସବାସ କରନ୍ତି। ଏକ ତଥ୍ୟ ଅନୁସାରେ ୨୦୧୦ରୁ ୨୦୩୯ ମଧ୍ୟରେ ଭାରତରେ ମୁଖ୍ୟତଃ ଫସଲ ଉତ୍ପାଦନରେ କ୍ଷତି ୪.୫ରୁ ୯ପ୍ରତିଶତ ବୃଦ୍ଧି ପାଇପାରେ। ତେଣୁ କେବଳ ଧାନ ଉତ୍ପାଦନ କରି ଆମେ ସଶକ୍ତ ଆଉ ସ୍ୱାବଲମ୍ବୀର ନାରା ଦେଇପାରିବା ନାହିଁ। ଧାନ ବ୍ୟତୀତ ଅଣଧାନ ଚାଷ ଉପରେ ଚାଷୀମାନଙ୍କର ଆଗ୍ରହ ବଢ଼ିବା ଆବଶ୍ୟକ।

ଆମକୁ ଉତ୍ପାଦନର ହାର ବଢ଼ାଇବାକୁ ହେଲେ କେବଳ ଧାନଚାଷ ନୁହେଁ ବରଂ ଧାନ ବ୍ୟତୀତ ଅଣଧାନ ଫସଲ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ତେବେ ଏହି ଉପକ୍ରମରେ ଫସଲ ବିବିଧିକରଣ ମାଧ୍ୟମରେ ଆମେ ଏହାକୁ ଅଧିକରୁ ଅଧିକ ଚାଷୀଙ୍କ ପାଖରେ ପହଞ୍ଚାଇ ପାରିବା। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ତଥା ତାପମାତ୍ରାରେ ଅନିଶ୍ଚିତତା କୃଷିକ୍ଷେତ୍ରକୁ ପ୍ରଭାବିତ କରୁଛି। ତେଣୁ ଏହା ସହ ତାଳଦେଇ ଆମକୁ ଉତ୍ପାଦନରେ ବୃଦ୍ଧି ଆଣିବାକୁ ହେବ। ଅଣଧାନ ଚାଷ ଏହି ଆହ୍ୱାନ ଭିତରୁ ଅନ୍ୟତମ। ତେବେ ଫସଲ ବିବିଧିକରଣ ମାଧ୍ୟମରେ ଆମେ ଇଣ୍ଟରକ୍ରପ୍ ଆକାରରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସମାନ କିମ୍ବା ଭିନ୍ନ ପ୍ରଜାତିର ଏକରୁ ଅଧିକ ବା ବିଭିନ୍ନ ପ୍ରକାର ଫସଲ ଚାଷ କରି ଅଣଧାନ ଚାଷ ଦିଗରେ ଚାଷୀମାନଙ୍କୁ ପ୍ରବର୍ତ୍ତାଇପାରିବା। ଗୋଟିଏ ଫସଲ ଉପରେ ନିର୍ଭର ନ କରି ଏହାକୁ ପ୍ରମୁଖ ପ୍ରାଧାନ୍ୟ ନ ଦେଇ ଏକାଧିକ ଫସଲ ଚାଷକରିବାର ମାଧ୍ୟମ ହିଁ ଫସଲ ବିବିଧିକରଣ। ଏହାଦ୍ୱାରା ସ୍ୱଳ୍ପ ଅର୍ଥକରୀ ଫସଲକୁ ପରିବର୍ତ୍ତନକରି ଅଧିକ ଅର୍ଥକରୀ ଫସଲ ଉତ୍ପାଦନ କରାଯାଇପାରେ। ଧାନ ପରେ ଧାନ ନ କରି ଅନ୍ୟ ଫସଲ ଯଥା ଡାଲିଜାତୀୟ, ତେଲଜାତୀୟ, ଅର୍ଥକରୀ ଫସଲ ଚାଷକରାଯାଇପାରେ। ଏହା କୃଷିକ୍ଷେତ୍ରରେ ଅନିଶ୍ଚିତତା ହ୍ରାସକରିବା ସହ ପରିବେଶରେ ବିବିଧତା ଆଣିବାରେ ସାହାଯ୍ୟ କରେ। ଏହା ମାଟିର ଉର୍ବରତାକୁ ବଢ଼ାଇବା ସହ ରୋଗପୋକ ନିୟନ୍ତ୍ରଣ କରିଥାଏ। କୃଷିକ୍ଷେତ୍ରରେ ମୃତ୍ତିକାର ରକ୍ଷଣାବେକ୍ଷଣ ପାଇଁ ଏକ ପରିବେଶଗତ ବିକଳ୍ପ ଭାବରେ ଏହାକୁ ବିବେଚନା କରାଯାଇପାରେ।

ତେବେ ଓଡ଼ିଶାରେ ଅଣଧାନ ଚାଷର ପରିସଂଖ୍ୟାନକୁ ଲକ୍ଷ୍ୟକଲେ ଫସଲ ବିବିଧିକରଣ କ୍ଷେତ୍ରରେ ୨୦୨୨-୨୩ରେ ମୋଟ ୩୦,୦୦୦ ହେକ୍ଟର କ୍ଷେତ୍ର ଥିବାବେଳେ ୨୦୨୩-୨୪ ରେ ଏହା ୧.୩ ଲକ୍ଷ ହେକ୍ଟରରେ ପହଞ୍ଚିଛି। ଓଡ଼ିଶାର ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ୨୦୨୩-୨୪ରେ ନିଟ୍ ବୁଣାକ୍ଷେତ୍ରର ପରିମାଣ ୫୫.୯ ଲକ୍ଷ ହେକ୍ଟର ରହିଛି, ଯାହାକି ରାଜ୍ୟର ମୋଟ ଭୌଗୋଳିକ କ୍ଷେତ୍ରର ପାଖାପାଖି ୩୬ ପ୍ରତିଶତ। ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଶତକଡ଼ା ୪.୬ ପ୍ରତିଶତ ଏହି ବୁଣାକ୍ଷେତ୍ରରେ ପରିମାଣ ବଢ଼ିଛି। ଅର୍ଥନୈତିକ ସର୍ଭେ ତଥ୍ୟ ଅନୁଯାୟୀ ଦୀର୍ଘ ଦିନ ଧରି ଧାନର ମୋଟ କ୍ଷେତ୍ର ଅଧିକ ରହିଥିବାବେଳେ ଏବେ ଏଥିରେ ପରିବର୍ତ୍ତନ ଦେଖାଦେଉଛି। ଏହି କ୍ରମରେ ଏଥିରେ ଅଣଧାନ ଫସଲଗୁଡ଼ିକର କ୍ଷେତ୍ର ମଧ୍ୟ ବଢ଼ିଛି। ଧାନ ସହ ଅନ୍ୟ ଫସଲଗୁଡ଼ିକର ମଧ୍ୟ ଚାହିଦା ବଢ଼ିଛି। ତେଣୁ ଏଗୁଡ଼ିକ ଆପଣେଇବାର ଆମର କୌଣସି ଦ୍ୱିଧା ରହିବା ଅନୁଚିତ।

ଓଡ଼ିଶାରେ ଅନେକଦିନ ଧରି ଧାନାଷ ଏକ ପ୍ରମୁଖ ଅଭ୍ୟାସ ହୋଇ ରହିଆସିଛି। କିନ୍ତୁ ଏହା ଖାଦ୍ୟ ସୁରକ୍ଷା ପ୍ରଦାନ କରିବା ପାଇଁ ଯଥେଷ୍ଟ ନୁହେଁ। ଚାଷୀମାନଙ୍କ ପାଇଁ ଧାନ ଚାଷରୁ ମିଳୁଥିବା ଆୟ ପ୍ରାୟତଃ ବଜାର ଦରର ଅସମାନତା ଏବଂ ସଂକୀର୍ଣ୍ଣ ଲାଭ ପରି ବିଭିନ୍ନ କାରଣ ଦ୍ୱାରା ସୀମିତ ହୋଇଥାଏ। ଆଜିର ସମୟରେ କେବଳ ଏମ୍‌ଏସ୍‌ପି ଆଶାରେ ଆମେ ଧାନ ଚାଷକରି ପରୋକ୍ଷରେ ମାଟି ଆଉ ଫସଲର ଗୁଣବତ୍ତା ହ୍ରାସ କରୁଛନ୍ତି। ଅଣଧାନ ଫସଲରେ ବିବିଧତା ।ଷୀମାନଙ୍କୁ ଅଧିକ ଲାଭଦାୟକ ସୁଯୋଗ ପ୍ରଦାନକରେ, ଯାହାଫଳରେ ଚାଷୀଙ୍କ ଆୟ ଏବଂ ସାମଗ୍ରିକ ଆର୍ଥିକ ସୁରକ୍ଷାରେ ଉନ୍ନତି ଆସିପାରେ। ଏହା ଗୋଟିଏ ମୁଖ୍ୟ ଫସଲ ଉପରେ ନିର୍ଭରଶୀଳତା ହ୍ରାସକରି ଖାଦ୍ୟ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରେ। ଏହା ସହ ଡାଲି ଏବଂ ବାଜରା ପରି ଅଣଧାନ ଫସଲ ସାଧାରଣତଃ ଅଧିକ ମରୁଡ଼ି ପ୍ରତିରୋଧୀ ଏବଂ ଜଳ ଅଭାବ ସମୟରେ ସେମାନଙ୍କର ଚାଷ ଏକ ସ୍ୱତନ୍ତ୍ର ବିକଳ୍ପ ଭାବେ କାର୍ଯ୍ୟ କରିପାରେ। ଏହି ବିବିଧତା ରଣନୀତି ଜଳବାୟୁ ପରିବର୍ତ୍ତନର ଯୁଦ୍ଧକୁ ସାମ୍ନାକରି କୃଷିକ୍ଷେତ୍ରର ସ୍ଥିରତା ବୃଦ୍ଧିକରେ। ଏହି ଅଣଧାନ ଫସଲ ।ଷକରି ପତିତ ଜମିଗୁଡ଼ିକୁ ଏବେ ପ୍ରଭାବଶାଳୀଭାବରେ ବ୍ୟବହାର କରାଯାଇପାରିବ। ଫଳରେ ବର୍ଷ ସାରା ଉତ୍ପାଦକତା ବୃଦ୍ଧି ଏବଂ ଅଧିକ ଅମଳ ହୋଇପାରିବ।

ତେବେ ଅଣଧାନ ଚାଷର ପ୍ରାଥମିତକତା ବୃଦ୍ଧି ପାଇଁ ପ୍ରଥମରେ ଗାଁ ଗାଁରେ କୃଷକ କର୍ମଶାଳା ତଥା ସଚେତନତା ଶିବିର ଆୟୋଜନକରି ଅଣଧାନ ଚାଷର ଗୁରୁତ୍ୱ ଚାଷୀଙ୍କୁ ବୁଝାଇବାକୁ ହେବ। ଦ୍ୱିତୀୟରେ କେବଳ ଧାନ ଆମ ଆୟବୃଦ୍ଧି ପାଇଁ ପର୍ଯ୍ୟାପ୍ତ ନୁହେଁ ବରଂ ଏହା ସହ ଆମେ ଅମଳ ପରେ କିପରି ଅଣଧାନ ଚାଷକୁ ଗୁରୁତ୍ୱ ଦେବା ତାହାର କ୍ଷେତ୍ର ପ୍ରଦର୍ଶନର ଦାୟିତ୍ୱ ଗ୍ରାମାଞ୍ଚଳ କୃଷି ଅଧିକାରୀମାନେ ଅଗ୍ରାଧିକାର ଭିତ୍ତିରେ ନିଅନ୍ତୁ। ତୃତୀୟରେ ବିଭିନ୍ନ ବେସରକାରୀ ସଂସ୍ଥା ଏହି ଅଣଧାନ ଚାଷର ବିଭିନ୍ନ ସରକାରୀ ପ୍ରକଳ୍ପକୁ କିପରି ଓଡ଼ିଶାର ସବୁ ଜିଲାରେ ସହଜ ଓ ସୁବିଧାରେ ପହଞ୍ଚାଇପାରିବେ ସେ ଦିଗରେ ଯନତ୍ୱାନ୍ ହେବା ଆବଶ୍ୟକ। ଚତୁର୍ଥରେ ଚାଷୀମାନଙ୍କ ନିକଟରେ ଅଧିକ ଅମଳକ୍ଷମ ବିହନ, କୃଷିକ୍ଷେତ୍ରରେ ପ୍ରଯୁକ୍ତିବଦ୍ୟାର, ଜ୍ଞାନକୌଶଳର ଉପଯୋଗ ତଥା ଅମଳ ପରେ ଠିକ୍ ବିପଣନ ତଥା ସରକାରଙ୍କ ବିଭିନ୍ନ ନିୟମାବଳୀ କିପରି ଠିକ୍ ସମୟରେ ଉପଲବ୍ଧ ହୋଇପାରିବ, ସେ ଦିଗରେ ଅନୁଧ୍ୟାନ କରାଯିବା ଆବଶ୍ୟକ। ସମ୍ପ୍ରସାରଣ କହେ ଦେଖିବା ହିଁ ବିଶ୍ୱାସକରିବା। ପଞ୍ଚମରେ କୃଷି ସମ୍ପ୍ରସାରଣ ମାଧ୍ୟମରେ ଚାଷୀଙ୍କ ପାଖରେ ଏହି ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯାଇ ସଫଳ କୃଷକଙ୍କ ଅଣଧାନ ଚାଷ ଫାର୍ମ ପରିଦର୍ଶନରେ ନିଆଗଲେ ଚାଷୀମାନେ ବାସ୍ତବତାକୁ ଉପଲବ୍ଧି କରିପାରିରେ। ସୁତରାଂ ୨୦୩୬ ଶତାୟୁ ଓଡ଼ିଶାର ବିକାଶ ନକ୍ସାରେ ଅଣଧାନ ଚାଷର ପ୍ରାଥମିକତା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।

# ଖଣି, ରେଳପଥ, ଜଳସମ୍ପଦ ପ୍ରକଳ୍ପର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ; ସମୟ ସୀମାରେ ସାରିବାକୁ ଗୁରୁତ୍ୱ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ସାଉଥ ବ୍ଲକରେ ପ୍ରଗତିର ୪୮ତମ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରଗତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସାମିଲ କରୁଥିବା ସକ୍ରିୟ ଶାସନ ଏବଂ ସମୟଭିତ୍ତିକ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ଆଇସିଟି ଆଧାରିତ ବହୁସ୍ତରୀୟ ପ୍ଲାଟଫର୍ମ। ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ଖଣି, ରେଳପଥ, ଜଳସମ୍ପଦ କ୍ଷେତ୍ରର କେତେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ସମୀକ୍ଷା କରିଥିଲେ। ଆର୍ଥିକ ଅଭିବୃଦ୍ଧି ଓ ଜନ କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଏହି ପ୍ରକଳ୍ପ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବା, ଆନ୍ତଃସଂସ୍ଥାଗତ ସମନ୍ୱୟ ଏବଂ ସମସ୍ୟାର ସମାଧାନ ଆଦି ପ୍ରସଙ୍ଗରେ ସମୀକ୍ଷା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ପ୍ରକଳ୍ପ କାର୍ଯ୍ୟକାରିତାରେ ବିଳମ୍ବ ଯୋଗୁ ବ୍ୟୟ ଅଟକଳ ଦୁଇଗୁଣା ହୋଇଥାଏ ଏବଂ ଅତ୍ୟାବଶ୍ୟକ ସେବା ଓ ଭିତ୍ତିଭୂମି ସୁବିଧାରୁ ନାଗରିକଙ୍କୁ ବଂଚିତ କରିଥାଏ। ଉଭୟ କେନ୍ଦ୍ର ଓ ରାଜ୍ୟ ଅଧିକାରୀମାନଙ୍କୁ ସେ ପରିଣାମ



ସଞ୍ଚାଳିତ ଦୃଷ୍ଟିକୋଣ ଆଦରିବା ସହ ସୁଯୋଗର ସଦବ୍ୟବହାର କରି ଜୀବନକୁ ସମୃଦ୍ଧ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ- ଆୟୁଷ୍ମାନ ଭାରତ ହେଲଥ ଇନଫ୍ରାଷ୍ଟ୍ରକଚର ମିସନ (ପିଏମ୍-ଏବିଏଚଆଇଏମ୍) ର ସମୀକ୍ଷା ଅବସରରେ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଏ କ୍ଷେତ୍ରରେ ଆକାଂକ୍ଷୀ ଜିଲ୍ଲା, ଦୁର୍ଗମ, ଆଦିବାସୀ ଓ ସୀମାବର୍ତ୍ତୀ ଅଞ୍ଚଳକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେବାକୁ କହିଥିଲେ। ଗରିବ, ବଞ୍ଚିତ ବର୍ଗ ଏବଂ ଅବହେଳିତ ଜନସାଧାରଣଙ୍କ ପାଖରେ ଯେପରି ନ୍ୟାୟସଙ୍ଗତ ଭାବେ ସ୍ୱାସ୍ଥ୍ୟସେବା ପହଞ୍ଚି ପାରିବ ତାହା ନିଶ୍ଚିତ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଏସବୁ ଅଞ୍ଚଳରେ ମହତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ସମସ୍ୟାକୁ ଦୂର କରିବା ଦିଗରେ ତତ୍କାଳ ଓ ନିରନ୍ତର ପ୍ରୟାସ ଜାରି ରଖିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ, ପିଏମ୍-ଏବିଏଚଆଇଏମ ରାଜ୍ୟଗୁଡ଼ିକ ପାଇଁ ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରରେ ପ୍ରାଥମିକ, ତୃତୀୟକ ଏବଂ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଦୃଢ଼ କରିବା ପାଇଁ ସୁବର୍ଣ୍ଣ ସୁଯୋଗ ଆଣିଛି। ପ୍ରଧାନମନ୍ତ୍ରୀ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତାକୁ ବୃଦ୍ଧ କରିବା ପାଇଁ ଗ୍ରହଣ କରାଯାଇଥିବା ଅନୁକରଣୀୟ ଅଭ୍ୟାସର ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ସେମାନଙ୍କ ପଦକ୍ଷେପ ଗୁଡ଼ିକର ରଣନୀତିକ ଗୁରୁତ୍ୱତା ଏବଂ ଡିଫେନ୍ସ ଇକୋସିଷ୍ଟମରେ ନବପ୍ରବର୍ତ୍ତନକୁ ବଢ଼ାଇବାର କ୍ଷମତା ପାଇଁ ପ୍ରଶଂସା କରିଥିଲେ।

# ଇରାନକୁ ଧମକ ଦେଲେ ଟ୍ରମ୍ପ

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ପୁଣିଥରେ ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଆମେରିକାର ଆକ୍ରମଣରେ ଇରାନର ପରମାଣୁ କେନ୍ଦ୍ର ସମ୍ପୂର୍ଣ୍ଣ ଧ୍ୱଂସ ପାଇଛି। ଏହାସତ୍ତ୍ୱେ ଇରାନ ଯଦି ଭବିଷ୍ୟତରେ ପୁଣି ପରମାଣୁ ଅସ୍ତ୍ର ତିଆରି କରିବାକୁ ଯୋଜନା କରେ ତେବେ ଏହା ଅନୁରୂପ ପରିଣାମ ଭୋଗିବ। ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପେଟ୍ ହେଗସେଥଙ୍କ ମନ୍ତବ୍ୟ ପରେ ଟ୍ରମ୍ପ ଏପରି ଚେତାବନୀ ଦେଇଛନ୍ତି। ହେଗସେଥ କହିଥିଲେ ଯେ ଆମେରିକାର ଆକ୍ରମଣ ସତ୍ତ୍ୱେ ଇରାନ ପରମାଣୁ ଅସ୍ତ୍ର ତିଆରି କରିବାକୁ ସକ୍ଷମ। ଇରାନର ପରମାଣୁ କେନ୍ଦ୍ର ଧ୍ୱଂସ ପାଇଯାଇଥିବା ସତ୍ତ୍ୱେ ଏହା ପରମାଣୁ ଅସ୍ତ୍ର ତିଆରି କରିବାକୁ ସକ୍ଷମ। ଆମେରିକା ଯେଉଁ ବଙ୍କର ବ୍ରଷ୍ଟର (ପାତାଳ ଭେଦି) ବୋମା ମାଡ କରିଛି ସେଥିରେ ଇରାନର ଭୂପୃଷ୍ଠ ତଳେ ଥିବା ପରମାଣୁ କେନ୍ଦ୍ର ଧ୍ୱଂସ ପାଇଛି ସତ; ମାତ୍ର ଇରାନ ଏହାର ୟୁରାନିୟମ୍‌ସବୁକୁ ସ୍ଥାନାନ୍ତର କରି ନେଇଥିବାରୁ ଏହା ପୁନର୍ବାର ପରମାଣୁ ଅସ୍ତ୍ର ତିଆରି କରିବାକୁ ସକ୍ଷମ ହେବ। ଇରାନକୁ ପରମାଣୁ ଅସ୍ତ୍ର ତିଆରିରୁ ଦୂରେଇ ରଖିବା ଲାଗି ଆମେରିକା ଓ ଇସ୍ରାଏଲ ଯେଉଁ ଆକ୍ରମଣ କରିଛନ୍ତି ତାହା ବହୁତ ବିଳମ୍ବିତ ହୋଇଛି। ଇସ୍ରାଏଲ ଓ ଆମେରିକାର ସାମ୍ଭାବ୍ୟ ଆକ୍ରମଣ ସମ୍ପର୍କରେ ଇରାନ ସୂଚନା ପାଇବା ପରେ ୟୁରାନିୟମ୍ ସବୁକୁ ସ୍ଥାନାନ୍ତର କରି ନେଇ ଗୁପ୍ତରେ ମହଜୁଦ୍ ରଖିଛି। ଅନ୍ୟପଟେ ଇରାନ ମଧ୍ୟ ସ୍ୱୀକାର କରିଛି ଯେ, ଆମେରିକାର ଆକ୍ରମଣରେ ଏହାର ପରମାଣୁ କେନ୍ଦ୍ରଗୁଡ଼ିକ ବ୍ୟାପକ ଭାବେ ନଷ୍ଟ ହୋଇଛି। ଇରାନ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଇସମାଇଲ ବାଘେଇ କହିଛନ୍ତି ଯେ, ଆମେରିକାର ବି-୨ ବମ୍ବର ଯୁଦ୍ଧବିମାନ ଯେଉଁ ପାତାଳ ଭେଦି ବୋମା ମାଡ କରିଛି ସେଥିରେ ପରମାଣୁ କେନ୍ଦ୍ରଗୁଡ଼ିକ ବ୍ୟାପକ ମାତ୍ରାରେ ନଷ୍ଟ ହୋଇଛି। ରବିବାର ଆମେରିକା ଇରାନର ଫୋର୍ଡୋଓ, ନାତାଞ୍ଜା ଓ ଇସ୍ଫହାନ୍ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା।

# ଭାରତକୁ ନାଲିଆଖି ଦେଖାଇବାକୁ ଚେଷ୍ଟାକଲେ ବିଲାୱଲ୍

ଇସଲାମାବାଦ: ପୁଣି ଭାରତକୁ ନାଲିଆଖି ଦେଖାଇବାକୁ ଚେଷ୍ଟା କରିଛନ୍ତି ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ମୁଖ୍ୟ ତଥା ପୂର୍ବତନ ପାକ୍ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦାରୀ। ବିଲାୱଲ୍ ଭାରତକୁ ଧମକ ଦେଇ କହିଛନ୍ତି ଯେ, ଯଥାଶୀଘ୍ର ପାଣି ଛାଡ଼ ନଚେତ୍ ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅ। ତାଙ୍କର ଏପ୍ରକାର ମନ୍ତବ୍ୟ ଭାରତ ପାଇଁ ଭଡକାଇବା ଭଳି ହୋଇଥିଲେ ମଧ୍ୟ ଭାରତ ଏହା ଉପରେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ଦେବାକୁ ଆବଶ୍ୟକ ମନେ କରିନାହିଁ। ରିପୋର୍ଟ ଅନୁସାରେ ବିଲାୱଲ୍ କହିଛନ୍ତି, ଯଦି ସିନ୍ଧୁ ନଦୀର ପାଣି ବନ୍ଦ କରାଯାଏ, ତେବେ ପାକିସ୍ତାନ କୁଆଡେ ସମସ୍ତ ଛଅଟି ନଦୀକୁ କବଜା କରିନେବ ଏବଂ ଯୁଦ୍ଧରୁ ମଧ୍ୟ ପଛକୁ ହଟିବ ନାହିଁ। ୨୨ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଯେଉଁ ୫ଟି ବଡ଼ କୂଟନୈତିକ ନିଷ୍ପତ୍ତି ନେଇଥିଲା, ସେଥିମଧ୍ୟରୁ ସବୁଠୁ ବଡ଼ ନିଷ୍ପତ୍ତି ଥିଲା ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ କରିବା। ଆଉ ଏହି ନିଷ୍ପତ୍ତି ପରେ ପାକିସ୍ତାନର ସ୍ଥିତି ଅତ୍ୟନ୍ତ ଖରାପ ହୋଇପଡ଼ିଛି। ଭାରତର ଏହି ଗୋଟିଏ ନିଷ୍ପତ୍ତିରେ ପାକିସ୍ତାନ ଏତେମାତ୍ରାରେ ବ୍ୟତିବ୍ୟସ୍ତ ହୋଇପଡିଛି ଯେ ଏହାର ନେତାମାନେ ବରାବର ବିଭ୍ରାନ୍ତିକର ବୟାନବାଜି କରିବା ସହ ଭାରତକୁ ଧମକ ଦେବାରେ ଲାଗିଛନ୍ତି।

# ଲଞ୍ଚ୍ ହେଲା ଆକ୍ସିଓମ୍-୪ ମିଶନ, ଇତିହାସ ରଚିଲେ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା

ୱାଶିଂଟନ: ୪ ଥର ସ୍ଥଗିତ ରହିବା ପରେ ଶେଷରେ ଆକ୍ସିଓମ୍-୪ ମିଶନ ଲଞ୍ଚ୍ କରିଛି। ବୁଧବାର ଅର୍ଥାତ୍ ଜୁନ୍ ୨୫, ୧୨.୦୧ ସମୟରେ ଭାରତର ଶୁଭାଂଶୁ ଶୁକ୍ଲା ଏବଂ ଅନ୍ୟ ୩ଜଣଙ୍କ ସମେତ ୪ ମହାକାଶଚାରୀଙ୍କୁ ନେଇ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନ (ଆଇଏସ୍ଏସ୍) ଅଭିମୁଖେ ଉଡାଣ ଭରିଛି ସ୍ପେସ୍‌ଏକ୍ସ ଡ୍ରାଗନ୍ ବିମାନ। ଭାରତ ପାଇଁ ଏହା ଏକ ଇତିହାସ ସୃଷ୍ଟି କରିବା ଭଳି ହୋଇଛି। ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଏହି ସ୍ପେସଏକ୍ସ ଡ୍ରାଗନ ବିମାନ (ଫାଲକନ୍-୯ ରକେଟ୍)କୁ ପାଇଲଟ୍ କରି ଇତିହାସ ରଚିଛନ୍ତି। ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମାଙ୍କ ପରେ ଅର୍ଥାତ୍ ଦୀର୍ଘ ୪୧ ବର୍ଷ ପରେ ଅନ୍ତରୀକ୍ଷକୁ ଯାତ୍ରା କରିବାରେ ଶୁଭାଂଶୁ ଦ୍ୱିତୀୟ ଭାରତୀୟ ମହାକାଶଚାରୀ ହେବାର ଏକ କୀର୍ତ୍ତିମାନ ମଧ୍ୟ ସ୍ଥାପନ କରିଛନ୍ତି। ଯେତେବେଳେ ଏହାର ଲଞ୍ଚ୍ ସଫଳ ହୋଇଥିଲା ସେତେବେଳେ ସମସ୍ତଙ୍କ ଆଖିରେ ଆନନ୍ଦର ଲୁହ ଆସିଯାଇଥିଲା। ପୂର୍ବତନ ଭାରତୀୟ ମହାକାଶଚାରୀ ରାକେଶ ଶର୍ମା ମଧ୍ୟ ଶୁଭାଂଶୁ ତଥା ଅନ୍ୟ ମହାକାଶଚାରୀଙ୍କୁ ଶୁଭକାମନା ଜଣାଇଛନ୍ତି।

ଉତ୍କ୍ଷେପଣ ସମୟରେ ଏହି ଡ୍ରାଗନ୍ ବିମାନ୍ ଘଣ୍ଟା ପ୍ରତି ପ୍ରାୟ ୩୦ ହଜାର କିଲୋମିଟର ବେଗରେ ମହାକାଶକୁ ଉଡ଼ିଥିଲା। କୁହାଯାଉଛି ଯେ, ୨୮ ଘଣ୍ଟାର ଯାତ୍ରା ପରେ, ଆକ୍ସିଅମ-୪ ମିଶନ ଭାରତୀୟ ସମୟ ଅନୁସାରେ ଗୁରୁବାର ସନ୍ଧ୍ୟା ୪.୩୦ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ପହଞ୍ଚିବ। ତେବେ ସଫଳ ଉଡାଣ ପରେ ଶୁଭାଂଶ ଏକ ପୋଷ୍ଟ କରିଛନ୍ତି, ଯାହାକି




ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି। ଶୁଭାଂଶୁ କହିଛନ୍ତି ଯେ, ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ଭାବେ ହ୍ୟୁମାନ ସ୍ପେଶଫ୍ଲାଇଟ୍‌କୁ ଫେରିବା ସତରେ ଗୌରବର ବିଷୟ।

ସ୍ପେସ୍‌ଏକ୍ସର କ୍ରୁ ଡ୍ରାଗନ ମହାକାଶଯାନ ଆମେରିକାର ଫ୍ଲୋରିଡାରେ ଥିବା ନାସାର କେନେଡି ସ୍ପେସ ସେଣ୍ଟରର ଲଞ୍ଚ୍ କମ୍ପ୍ଲେକ୍ସ ୩୯ ଏ'ରୁ ଫାଲକନ-୯ ରକେଟ ମାଧ୍ୟମରେ ଉଡ଼ାଣ କରିଛି। ଏହା ସେହି ଐତିହାସିକ ସ୍ଥାନ ଯେଉଁଠାରୁ ୧୯୬୯ ମସିହାରେ ଆପୋଲୋ-୧୧ ମିଶନ ଅନ୍ତର୍ଗତ ନୀଲ ଆର୍ମଷ୍ଟ୍ରଙ୍ଗ ଚନ୍ଦ୍ରକୁ ଉଡ଼ିଥିଲେ। ଭାରତର ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ସହିତ ପୋଲାଣ୍ଡର ସ୍ଲାଭୋସ ଉଜନାନସ୍କି-ୱିସନିୱ୍ସ୍କି, ହଙ୍ଗେରୀର ଟିବୋର କାପୁ ଏବଂ ଆମେରିକାର ଅଭିଜ୍ଞ କମାଣ୍ଡର ପେଗି ହ୍ୱିଟସନ ମଧ୍ୟ ଏହି ମିଶନରେ ସାମିଲ ଅଛନ୍ତି। ଏମାନେ ଅନ୍ତରୀକ୍ଷରେ ୧୪ ଦିନ ଅତିବାହିତ କରିବେ। ଏହା କେବଳ ଏକ ଯାତ୍ରା ନୁହେଁ ବରଂ ଏକ ୧୫ ଦିନିଆ ବୈଜ୍ଞାନିକ ମିଶନ। ଏହି ସମୟ ମଧ୍ୟରେ ମୋଟ ୬୦ଟି ବୈଜ୍ଞାନିକ ପରୀକ୍ଷଣ କରାଯିବ, ଯାହା ମଧ୍ୟରୁ ୭ଟି ଭାରତ ଦ୍ୱାରା ପ୍ରସ୍ତାବିତ। ଏହା ଭାରତର ବୈଜ୍ଞାନିକ ଚିନ୍ତାଧାରା ଏବଂ ବିଶ୍ୱ ଗବେଷଣାରେ ଅବଦାନର ପ୍ରମାଣ। ମିଶନ ଅନ୍ତର୍ଜାତୀୟ ସହଯୋଗ ଏବଂ ବୈଷୟିକ ସହଭାଗୀତାର ଏକ ମହାନ ଉଦାହରଣ।

ପ୍ରକାଶ, ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ଭାରତୀୟ ବାୟୁସେନାର ଜଣେ ଅଭିଜ୍ଞ ପାଇଲଟ, ଏବଂ ରାକେଶ ଶର୍ମାଙ୍କ ପରେ ମହାକାଶକୁ ଯିବାରେ ଦ୍ୱିତୀୟ ଭାରତୀୟ ନାଗରିକ ହୋଇଛନ୍ତି। ରାକେଶ ଶର୍ମା ୧୯୮୪ରେ ସୋଭିଏତ୍ ମିଶନ ଅଧୀନରେ ଅନ୍ତରୀକ୍ଷକୁ ଉଡାଣ ଭରି ଉଡ଼ିଥିଲେ। ମିଶନ ପୂର୍ବରୁ ଶୁକ୍ଲାଙ୍କୁ ଏକ ମାସରୁ ଅଧିକ ସମୟ ପାଇଁ କଠୋର କ୍ୱାରାଣ୍ଟାଇନରେ ରଖାଯାଇଥିଲା। ଏହା ଦ୍ୱାରା ତାଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ। ଏହି ଐତିହାସିକ ଉଡ଼ାଣ ଭାରତର ବୈଜ୍ଞାନିକ କ୍ଷମତାର ପ୍ରତୀକ ବୋଲି ମଧ୍ୟ କୁହାଯାଉଛି। ଶୁଭାଂଶୁ ଶୁକ୍ଲାଙ୍କ ଜନ୍ମ ୧୦ ଅକ୍ଟୋବର ୧୯୮୫ ମସିହାରେ ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ହୋଇଥିଲା ଏବଂ ସେ ଇସ୍ରୋର ଗଗନଯାନ ମିଶନ ପାଇଁ ଚୟନ କରାଯାଇଥିବା ୪ ଜଣ ମହାକାଶଚାରୀଙ୍କ ମଧ୍ୟରୁ ଅନ୍ୟତମ।

# ଏଣିକି ବର୍ଷକୁ ୨ଥର ଦଶମ ପରୀକ୍ଷା

ନୂଆଦିଲ୍ଲୀ: ଆସନ୍ତାବର୍ଷ ଅର୍ଥାତ୍ ୨୦୨୬ରୁ ବର୍ଷକୁ ଦୁଇଥର ସିବିଏସଇ ଦଶମଶ୍ରେଣୀ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ପରୀକ୍ଷା ବର୍ଷର ପ୍ରାରମ୍ଭ ଅର୍ଥାତ୍ ଫେବ୍ରୁଆରୀ ମାସ ମଧ୍ୟଭାଗରେ ଏବଂ ଦ୍ୱିତୀୟ ପରୀକ୍ଷା ମେ' ମାସରେ ଅନୁଷ୍ଠିତ ହେବ। ବୁଧବାର ସିବିଏସ୍‌ଇ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସନ୍ୟମ ଭରଦ୍ୱାଜ ସୂଚନା ଦେଇ କହିଛନ୍ତି ଯେ ଫେବ୍ରୁଆରୀ ମଧ୍ୟଭାଗରେ ହେବାକୁ ଥିବା ପରୀକ୍ଷା ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ ରହିବ, କିନ୍ତୁ ମେ' ମାସରେ ହେବାକୁ ଥିବା ପରୀକ୍ଷା ଇଚ୍ଛାଧୀନ ହେବ। ପ୍ରଥମ ପର୍ଯ୍ୟାୟର ଫଳାଫଳ ଏପ୍ରିଲ୍‌ରେ ଘୋଷଣା କରାଯିବ, ଯେତେବେଳେ ଦ୍ୱିତୀୟ ପର୍ଯ୍ୟାୟ ଫଳାଫଳ ଜୁନ୍‌ରେ ପ୍ରକାଶିତ ହେବ। ଯାହା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସ୍କୋରକୁ ଉନ୍ନତ କରିବାର ସୁଯୋଗ ଦେବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ଉପରେ ବଢ଼ୁଥିବା ପରୀକ୍ଷା ଚାପକୁ ହ୍ରାସ କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ଗୋଟିଏ ବର୍ଷ ଅପେକ୍ଷା ନକରି ସେମାନଙ୍କ ପ୍ରଦର୍ଶନକୁ ଉନ୍ନତ କରିବାର ଦ୍ୱିତୀୟ ଥର ପାଇଁ ସୁଯୋଗ ପ୍ରଦାନ କରିବା। ବୋର୍ଡ ବିଶ୍ୱାସ କରେ ଯେ ଗୋଟିଏ ପରୀକ୍ଷା ମାଧ୍ୟମରେ ଜଣେ ଛାତ୍ରର ପ୍ରତିଭାର ସମ୍ପୂର୍ଣ୍ଣ ମୂଲ୍ୟାଙ୍କନ କରାଯାଇପାରିବ ନାହିଁ ବୋଲି ସନ୍ୟକ କହିଛନ୍ତି। ସିବିଏସଇର ଏହି ନୂତନ ଯୋଜନା ଅନୁଯାୟୀ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଫେବ୍ରୁଆରୀ ମଧ୍ୟଭାଗରେ ହେବାକୁ ଥିବା ପ୍ରଥମ ପରୀକ୍ଷାରେ ଯୋଗଦେବାକୁ ପଡ଼ିବ। ଯେଉଁମାନେ ସେମାନଙ୍କର ସ୍କୋରକୁ ଉନ୍ନତ କରିବାକୁ ଚାହୁଁଛନ୍ତି କିମ୍ବା ତିନୋଟି ବିଷୟରେ ଅଧିକ ମାର୍କ ରଖିବାକୁ ଚାହୁଁଛନ୍ତି ସେମାନେ ମେ' ମାସରେ ଦ୍ୱିତୀୟ ପରୀକ୍ଷା ଦେଇପାରିବେ। ସିବିଏସ୍‌ଇର ଏହି ନିଷ୍ପତ୍ତି ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ର ସୁପାରିଶକୁ ଅନୁସରଣ କରୁଛି, ଯେଉଁଥିରେ ଏକ ସରଳ ଏବଂ ଛାତ୍ରଛାତ୍ରୀ-ଅନୁକୂଳ ମୂଲ୍ୟାଙ୍କନ ପାଇଁ ଆହ୍ୱାନ କରାଯାଇଥିଲା। ସିବିଏସ୍‌ଇ ପକ୍ଷରୁ ୨୦୨୬ ମସିହାରୁ ଦଶମଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ପରୀକ୍ଷା ନୀତି (୨ ଥର) ଆରମ୍ଭ ହେବା ନେଇ ନିଶ୍ଚିତ କରାଯାଇଥିବା ବେଳେ, ଭବିଷ୍ୟତରେ ଦ୍ୱାଦଶଶ୍ରେଣୀ ପାଇଁ ମଧ୍ୟ ସମାନ ବ୍ୟବସ୍ଥା ବିଚାର କରାଯାଇପାରେ ବୋଲି ସମ୍ଭାବନା ବ୍ୟକ୍ତ କରାଯାଇଛି। ତେବେ ଏନେଇ ଏପର୍ଯ୍ୟନ୍ତ କୌଣସି ସରକାରୀ ସ୍ୱୀକରଣ ସାମ୍ନାକୁ ଆସିନାହିଁ।

## ଏମିତି ବୋଧେ ଭାଙ୍ଗିବାର ଥିଲା

ଏମିତି ବୋଧେ ଭାଙ୍ଗିବାର ଥିଲା
ତୋ ମୋ ସମ୍ପର୍କ
କିଛି କଥାରେ
ଆଉ କିଛି ନିରବତାରେ
କିଛି ଘଟିଥିଲା ଲୋକ ଗହଣରେ
କିଛି ଶେଷ ହେଲା ଚାରି କାନ୍ଥରେ ।
ଏମିତି ବୋଧେ ଭାଙ୍ଗିବାର ଥିଲା
ତୋ ମୋ ସମ୍ପର୍କ
କିଛି ତୋ ଅହଙ୍କାରରେ
ଆଉ କିଛି ମୋ ଅଭିମାନରେ
କିଛି ତ ଦାମ୍ଭିକ ପଣରେ
ଆଉ କିଛି ମୋ ଅପେକ୍ଷାରେ ।
କେତେ କେତେ ରାତି କଟିଗଲା
ତୋ ଅପେକ୍ଷାରେ
ହେଲେ ତୁ ଫେରିଲୁନି
ତୁ ହଜିଯାଇଥିଲୁ
ଆଉ କାହା ପଣତ ରେ
ଅତୀତର ସ୍ମୃତି ସବୁ
ତତେ ଫିକା ଲାଗିଲା
ବର୍ତ୍ତମାନର ରଙ୍ଗୀନ ପଣରେ
ତୁ ଭୁଲିଗଲୁ ମତେ
ମୁଁ ଦୂରେଇ ଦେଲି ତତେ
ଜଳିଗଲା ଗୋଟେ ନିରୀହ ପ୍ରେମ
ଅହଙ୍କାରର ଅଗ୍ନିରେ ।
ଏମିତି ବୋଧେ ସରିବାର ଥିଲା
ତୋ ମୋ କାହାଣୀ
ନିରବରେ
ନିରୋଳାରେ
ତୋ ଅହଙ୍କାର
ଆଉ ମୋ ଅଭିମାନ ଭିତରେ ।

**ପୂର୍ଣ୍ଣିମା ଲେଙ୍କା**
ଆଇ. ଆଇ. ଟି,ଧାନବାଦ

## ଅଙ୍କୁରର ଆଶା

ଶିଖୁଥିଲି ଚାଲି ଯେବେ
ବୟସ ପ୍ରଭାତେ
ଛୋଟ ଛୋଟ ଆଙ୍ଗୁଳି
ମୋ' ଥିଲା ତୁମ ହାତେ ।
ନିଷ୍ଠୁର ସମାଜ କେବେ
କଠୋର ସମୟ
ତୁମ ପାଖେ ପାଉଥିଲି
ନିର୍ଭୟ ଆଶ୍ରୟ ।
ମାର୍ଗଦର୍ଶନ ତୁମଠୁ
ଲୋଡ଼ିଛି ଲୋଡ଼ିବି
ତୁମ ପରିଚୟ ନେଇ
ସମାଜେ ବଞ୍ଚିବି ।
ବୟସର ଶିଢ଼ି ଚଢ଼ି
ଦୁନିଆ ଦେଖିଲି
ପିତା ଶବ୍ଦ ସାର୍ଥକତା ଉପଲବ୍ଧି କଲି ।
ସଂଘର୍ଷର ସୂତା ଖିଅ ପାଦ ଯେବେ
ଛନ୍ଦେ
ଥକିଯାଇ ପିତା ମନ
ନିରୋଳାରେ କାନ୍ଦେ ।
ସନ୍ତାନ ଭବିଷ୍ୟ ପାଇଁ ଅଥୟ ଅଧିର
ମସ୍ତକରେ ଲଦା ପୁଣି ପରିବାର ଭାର ।
ଲୁହ ଲହୁ ସିଞ୍ଚିଥିଲ ଅଂକୁର ରୋପଣେ
ଯତ୍ନ ନେଇ ବଞ୍ଚାଇଲ
ସ୍ନେହର ଶ୍ରାବଣେ ।
ଦୂର ଦିଗବଳୟେ ଯେବେ ସିନ୍ଦୂରା
ଫାଟିବ
ରାତି ଛାତି ଚିରି ଯେବେ
ସୂରୁଯ ଉଇଁବ ।
ଅଂକୁର ଯେ ବୃକ୍ଷ ହେବ
ଆୟୁ ଅପରାହ୍ନେ
ପୁଷ୍ପ ଛାୟା ନିଶ୍ଚେ ଦେବ
ତୁମକୁ ସେ ଦିନେ ।

**ସ୍ମୃତି ସ୍ୱାଗତ ରାୟ ମହାପାତ୍ର**
ଭୁବନେଶ୍ୱର, ଖୋର୍ଦ୍ଧା



# ନୂଆ ଜୀବନ

**ଚନ୍ଦନ ନାୟକ**

ଡ୍ରାଇଭର ରାଜେଶ ଉପରେ ସୁନିତା ମ୍ୟାଡାମ ଖୁବ୍ ଖପ୍ପା ହୋଇ ଗାଳି ଦେଇ ଚାଲିଛନ୍ତି । ସାମାନ୍ୟ ଟିକିଏ ଗାଡ଼ି ରାସ୍ତାରେ ତରତର ହୋଇ ଆସିବା ସମୟରେ କେଉଁଠି ଟିକିଏ ଘସି ହୋଇ କଳର ଖରାପ ହୋଇଯାଇଥିବାରୁ ବିଚରା ଖୁବ୍ ଗାଳି ଖାଇଲାଣି ଆଜି । ଡ୍ରାଇଭର ରାଜେଶ ସକାଳ ଆଠଟାରେ ଆସିବାର ଥିଲା । ମାତ୍ର ଆଜି ସାଢ଼େ ନଅଟା ସମୟରେ ଆସି ପହଞ୍ଚିଲା ତେଣେ ଝିଅ ସୋନିଆର ସ୍କୁଲ ଯିବା ଡେରି ହୋଇଯିବାରୁ ସେ ସ୍କୁଲରେ ପନିସ୍‌ମେଣ୍ଟ ଖାଇଥିବା କଥା ସ୍କୁଲରୁ କିରାନି କମଳାକାନ୍ତ ସୁନିତାଙ୍କୁ ଜଣାଇ ଦେଇଥିଲା । ଏଣେ ପୁଣି ଝିଅକୁ ସ୍କୁଲରେ ଛାଡ଼ି ଅଫିସ ଫେରିବା ରାସ୍ତାରେ ସାମନାରେ ଗୋଟେ ସାଇକେଲ ଆରୋହୀକୁ ବଞ୍ଚାଇବାକୁ ଯାଇ ରାଜେଶ ଏତେ ଜୋରରେ ଗାଡ଼ିମାଡ଼ି ହୋଇ ଅନେକ ଭିତରକୁ ଡିକି ପସିଯାଇଥିଲା । ସୁନିତା ରାଜେଶଠାରୁ ଖବର ପାଇ ଅଫିସ ତଳକୁ ଆସିଲେ ଏବଂ ନିଜର ମାତ୍ର ଦୁଇ ମାସ ତଳର ହୁଣ୍ଡାଇ ଅଇ-ଟୋଣ୍ଟି କାରକୁ ଦେଖି ଖୁବ୍ ବିଚଳିତ ହୋଇ ପଡ଼ିଲେ । ସୁନିତା ମ୍ୟାଡାମଙ୍କୁ ଅସମ୍ଭାଳ ଅବସ୍ଥାରେ ଦେଖି ଅଫିସର ଅନ୍ୟ କର୍ମଚାରୀମାନେ ତାଙ୍କୁ ଭିତରକୁ ନେଇ ଆସିଲେ ଏହା ତୁରନ୍ତ ହୁଣ୍ଡାଇ ୱାର୍କସପ୍‌କୁ ନେଇଗଲେ ଠିକ୍ ହୋଇଯିବ । ଏହାଛଡ଼ା ଇନସୁରାନ୍ସ କ୍ଲେମ ହୋଇପାରିବ ବୋଲି ରିସପସନିଷ୍ଟ ମଧୁ ମ୍ୟାଡାମ କହିଲେ ।

ସୁନିତା ବିରଳା ଫାଇନାନ୍ସର ଅପରେସନ୍ ହେଡ୍ ରୂପେ ଖୁବ୍ ଦାୟିତ୍ୱ ସମ୍ପନ୍ନ କର୍ମଚାରୀ ଭାବେ ଦୀର୍ଘ ଆଠ ବର୍ଷ ଧରି କାମ କରୁଛନ୍ତି । ଅଫିସର ପ୍ରତିଟି କର୍ମଚାରୀଙ୍କ ପାଖରେ ଖୁବ୍ ଆଦରଣୀୟ । ସମସ୍ତଙ୍କର ଭଲ ମନ୍ଦ ନିଜେ ଯାଇ ବୁଝନ୍ତି । ଯଦି କେହି ଅଫିସିଆଲ୍ କିଛି ଅସୁବିଧା ଥାଏ ତେବେ ସଙ୍ଗେ ସଙ୍ଗେ ତାହାର ସମାଧାନ କରାନ୍ତି । ଧରାବନ୍ଧା ଦଶଟାରୁ ପାଞ୍ଚଟା ଅଫିସ୍ ନ କରି ସେ ବହୁ ସମୟ ଅଫିସରେ ଦେଇଥାନ୍ତି । ଏପରିକି ଛୁଟିଦିନେ, ରବିବାର ଇତ୍ୟାଦିରେ ଅଫିସ ଆସି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅଫିସ କାମ କରନ୍ତି ।

ସୁନୀତା ପିଲାଦିନରୁ ଖୁବ୍ ସ୍ମାର୍ଟ । ସବୁଥିରେ ସେ ଆଗୁଆ । ସବୁ କାମରେ ବି ଆଗ ବାହାରିଲା ବାଲା । ସେ କେବଳ ପାଠର ଭଲ ତା ନୁହେଁ, ଗୀତରେ ନାଚରେ, ଚିତ୍ରାଙ୍କନ ଏପରିକି ମୂର୍ତ୍ତି କଳାରେ ମଧ୍ୟ ସେ ସିଦ୍ଧ ହସ୍ତ ଶିଳ୍ପୀ । ସ୍କୁଲରୁ ପଢ଼ିବା ବେଳଠାରୁ ମେଧାବୀ ଛାତ୍ରୀ ହିସାବରେ ଖୁବ୍ ସୁନାମ ଅର୍ଜନ କରିଥିଲେ । ବାପା ପରୀକ୍ଷିତ ବାବୁ ଝିଅର ସମସ୍ତ ପୁରସ୍କାରଗୁଡ଼ିକୁ ଖୁବ୍ ସୁନ୍ଦର ଭାବରେ ଗୋଟେ କାନ୍ଥ ଆଲମିରା ଭିତରେ ବାହାରକୁ ଦେଖାଯିବା ପରି ଗ୍ଲାସ ଦେଇ ଖୁବ୍ ସୁନ୍ଦର ଭାବରେ ସଜାଇ ରଖିଥିଲେ । ପରୀକ୍ଷିତ ବାବୁଙ୍କ ଘରକୁ ଯେତେ ଅତିଥି ଅଭ୍ୟାଗତ ଆସନ୍ତି ସମସ୍ତଙ୍କୁ ଝିଅର ଗୁଣ ଗାନ କରି କରି ସୁନିତାର ପୁରସ୍କାର, ଚିତ୍ରାଙ୍କନ, ମୂର୍ତ୍ତିକଳା ଏପରିକି ବଗିଚା ସଜ୍ଜା ଦେଖାଇ ଦେଖାଇ ନିଜକୁ ଖୁବ୍ ଧନ୍ୟ ମନେ କରନ୍ତି । ଘରେ ଅନ୍ୟ ଦୁଇ ଭାଇ ଓ ଆଉ ଜଣେ ଭଉଣୀ ଥିଲେ ହେଁ ସୁନିତାର ମାର୍ତ୍ତଣ୍ଡ କିରଣ ନିକଟରେ ସେମାନେ ମଳିନ ଦିଶନ୍ତି । ମନେ ମନେ ସେମାନଙ୍କର ଏକ ଈର୍ଷା ଭାବ ଉଦ୍ରେକ ହେଉଥିଲା ।

ଇଂରାଜୀରେ ପୋଷ୍ଟ ଗ୍ରାଜୁଏସନ କରିବା ପରେ ଫାଇନ ଆର୍ଟ ବିଷୟରେ ଅଧିକ ଆଗ୍ରହ ପାଇଁ ସୁନିତା ବି.କେ ଆର୍ଟ କଲେଜରେ ଆର୍ଟରେ ଡିପ୍ଲୋମା କୋର୍ସ ମଧ୍ୟ ସାରିଲା । ମୂର୍ତ୍ତିକଳାରେ ପାରଦର୍ଶିତା ପାଇଁ ପୁରସ୍କୃତ ହେବା ପରେ ବିଭିନ୍ନ ଆର୍ଟ ଗ୍ୟାଲେରୀରେ ସୁନିତାର ଏକଜିଭିସନ ଲାଗିଲା । ଅନେକ କଳାପ୍ରେମୀ ସ୍ଥପତି ଓ ଗୁଣଗ୍ରାହୀ ବ୍ୟକ୍ତି ଆସନ୍ତି ପ୍ରଦର୍ଶନୀ ଦେଖିବାକୁ । ସେହିପରି ଏକ ସୁନିତାର ଏକକ କଳା ପ୍ରଦର୍ଶନୀ ଜୟଦେବ ଭବନରେ ଲାଗିଥିଲା । ଅନେକ ଦର୍ଶକ ଚିତ୍ର ଓ ମୂର୍ତ୍ତିକଳା ଦେଖି ସୁନିତାକୁ ପ୍ରଶଂସା କରି ଫେରିଗଲେ । ମାତ୍ର ସୁନିତାଙ୍କୁ ସବୁଦିନ ପାଇଁ ନିଜର କରିବାକୁ ସଂକଳ୍ପ କରି ସେଠାରେ ବସି ରହିଲେ ସତ୍ୟଜିତ୍ ବାବୁ । ପେସାରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ମାତ୍ର ନିଶା ଓ କଳା ଓ କଳାକାରମାନଙ୍କର ଆଦର । ଜଣେ ବିଶିଷ୍ଟ ବିଜ୍ଞାନୀ ଭାବରେ କମ୍ ବୟସରୁ ଖୁବ୍ ଭଲ ନାଁ କରିଛନ୍ତି । ବିଜ୍ଞାନ ପାଠ ସବୁ ନିଜ ହାତ ପାହାନ୍ତାରେ । ବିଜ୍ଞାନ ବିଶେଷ କରି ପଦାର୍ଥ ବିଜ୍ଞାନର ଜଟିଳ ତତ୍ତ୍ୱ ସବୁ ତାଙ୍କରି ମୁହଁରେ । ତେଣୁ ଖୁବ୍ ଶୀଘ୍ର ଛାତ୍ରଛାତ୍ରୀ ଜଗତରେ ପରିଚିତ । ସତ୍ୟଜିତ ବାବୁଙ୍କର ଅନେକ ବହି ଟେକଷ୍ଟ ବୁକ୍ ଆକାରରେ ପିଲାମାନଙ୍କୁ ପାଠ ପଢ଼ା ହେଉଛି । କଲେଜମାନଙ୍କରେ ଏସବୁ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଅବିବାହିତ ଜୀବନ କଟାଉଥିଲା ବେଳେ ଜୟଦେବ ଭବନର ପ୍ରଦର୍ଶନୀ ଗୃହରେ ସୁନିତାଙ୍କ ସହିତ ସାକ୍ଷାତ ତାଙ୍କ ଜୀବନର ଗତିଧାରାକୁ କିଛି ସମୟ ପର୍ଯ୍ୟନ୍ତ ଗୋଟାଏ ବିରାଟ ଜଳଗଣ୍ଡ ମଧ୍ୟରେ ପଡ଼ିଯାଇ କେବଳ ଘୂର୍ଣ୍ଣନ ହେବାକୁ ଲାଗିଲା । ସୁନିତାଙ୍କର ପତ୍ରଟି କଳା ଚାତୁରୀକୁ ଭୁରି ଭୁରି ପ୍ରଶଂସା କରି ନିଜେ ସୁନିତାଙ୍କୁ ବି ପସନ୍ଦ କରୁଛନ୍ତି ବୋଲି ପ୍ରକାଶ କରିଦେଲା । ସୁନିତା ମାତ୍ର ସେଠାରେ ଶୁଣି ଚୁପ୍‌ଚାପ ରହିଲେ । ସତ୍ୟଜିତ ଛାଡ଼ିବା ଲୋକ ନୁହେଁ । ସୁନିତାଙ୍କର ଯୋଗାଯୋଗ ଠିକଣା ବାହାର କରି ତାଙ୍କ ମା'ଙ୍କୁ ଧରି ସୁନିତାଙ୍କ ଘରେ ପହଞ୍ଚି ନିଜର ବିବାହ ପ୍ରସ୍ତାବ ସୁନିତାଙ୍କ ବାପା ପରୀକ୍ଷିତ ବାବୁଙ୍କୁ ଦେଲେ । ସେ ସମୟରେ ବିଜେବି କଲେଜ ଭଳି ପ୍ରତିଷ୍ଠିତ କଲେଜର ବିଜ୍ଞାନ ଅଧ୍ୟାପକ ସତ୍ୟଜିତଙ୍କର ବିଭିନ୍ନ ପତ୍ରପତ୍ରିକାରେ ବିଜ୍ଞାନ ଭିତ୍ତିକ ଲେଖା ବାହାରୁଥିଲା । ଜଣେ ଜଣାଶୁଣା ବିଜ୍ଞାନୀ ହୋଇଥିବାରୁ ପରୀକ୍ଷିତ ବାବୁ ମଧ୍ୟ ନିଜ ଝିଅ ପାଇଁ ତାଙ୍କୁ ହିଁ ଶ୍ରେଷ୍ଠ ପାତ୍ର ବୋଲି ଗ୍ରହଣ କରି ଯଥାରୀତି ବିବାହ ବନ୍ଧନରେ ଆବଦ୍ଧ କରାଇଲେ ।

ସୁନୀତା ଏବେ ତା'ର ଚୀବନର ତୃତୀୟ ଇଂନିସ ଆରମ୍ଭ କରିଥିଲା ସତ୍ୟଜିତଙ୍କ ଘରେ । ପରିବାର ଯଥେଷ୍ଟ ବଡ଼ ନହୋଇଥିଲେ ହେଁ ଛୋଟ ବି ନୁହେଁ । ସତ୍ୟଜିତ ମଝିଆ ଭାଇ ଉପାର ତାଙ୍କର ଭାଇ ଭାଉଜ ଓ ତଳେ ଛୋଟ ଭାଇ । ଛୋଟ ଭାଇ ଦିନେଶ ସତ୍ୟଜିତଙ୍କ ଆଗରୁ ବିବାହ କରି ସାରିଛି । ଦେଖିଲେ ସୁନିତା ହିଁ ସତ୍ୟଙ୍କ ଘରେ ସବୁଠାରୁ ନୂଆ ସଦସ୍ୟ । ସତ୍ୟଙ୍କର ମା ବି ଜୀବିତ । ଶାଶୂ ଥିଲେ ହେଁ ଶ୍ୱଶୁର ନ ଥିଲେ । ଶାଶୂଙ୍କର ସେବା ଘରର ଅନ୍ୟ ସଦସ୍ୟଙ୍କ ଦେଖାଶୁଣା ସବୁଥିରେ ସୁନୀତା ପାରଦର୍ଶୀ ଥିଲେ । ମାତ୍ର ସାନ ଭାଇ ଦିନେଶଙ୍କର ପତ୍ନୀ ସୁଜାତାଙ୍କ ନିକଟରେ ସୁନିତା ଟିକେ ଅନକମ୍‌ଫୋର୍ଟ ବୋଧ କରୁଥିଲେ । ସୁଜାତା ସାନ ହୋଇଥିଲେ ହେଁ ସୁନିତା ପରେ ଆସିଥିବାରୁ ତାଙ୍କୁ ଖୁବ୍ ଛୋଟ ନଜରରେ ଦେଖୁଥିଲେ । ଅନେକ ସମୟରେ ବଡ଼ଜା ସୁରଭିଙ୍କ ସହ ମିଶି ପ୍ରଥମରୁ ସୁନିତାଙ୍କୁ ଏକୁଟିଆ କରି ଦେଇଥିଲେ ।

ଅଫିସରେ ମଧ୍ୟ ଘରର ପ୍ରଭାବ ଖୁବ୍ ଅନୁଭବ କଲା ସୁନୀତା । କେବେ କେଉଁ ଅଫିସ କର୍ମଚାରୀ ଅଫିସ କାମରେ ସୁନିତାଙ୍କ ଘରକୁ ଗଲେ ସୁଜାତାର ପ୍ରରୋଚନାରେ ସେ ଦୁର୍ବ୍ୟବହାର ପାଇ ଫେରି ସାରା ଅଫିସରେ ପ୍ରଘଟ କରୁଥିଲା । ସାଇ ପଡ଼ିଶାରେ ମଧ୍ୟ ସତ୍ୟଜିତ ପରିବାର ସହ କାହାର ଭଲ ସମ୍ପର୍କ ନଥିଲା । ସମୟ ପାଇଲେ ସୁନିତା ନିକଟରେ ଥିବା ବାପା ଘରକୁ ଚାଲିଗଲେ ମଧ୍ୟ ସେଠାରେ ବେଶି ଦିନ ରହିବାକୁ ଦେଲେ ନି ଶାଶୂଘର ଲୋକ । ଏସବୁ ଭିତରେ ସୁନିତା ଏକ କନ୍ୟା ସନ୍ତାନର ଜନନୀ ହେଲା ।

ଅନେକ କଷ୍ଟରେ କୋହ ଚିପି ଦୁଇ ମାସ ଅତିକ୍ରାନ୍ତ ପରେ ଅଫିସରେ ଜଏନ କଲା ସୁନିତା । ଅଫିସ କର୍ମଚାରୀମାନେ ତାଙ୍କର ପ୍ରିୟ ମ୍ୟାଡାମଙ୍କର ଅସହାୟତା ଆସ୍ତେ ଆସ୍ତେ ବୁଝୁଥିଲେ ହେଁ ସାମାନ୍ୟ ପରିସ୍ଥିତି ପରିବର୍ତ୍ତନ ପାଇଁ । ସୁନିତାଙ୍କୁ ଅନୁରୋଧ କଲେ ଝିଅ ପାଇଁ ଗୋଟେ ଛୋଟ ପାର୍ଟିର ଆୟୋଜନ କରିବା ପାଇଁ । ଅଫିସରେ ସୁନିତା ରାଜି ହେଲା ଜେନେରାଲ ମ୍ୟାନେଜର୍ । ଶୁଭକାନ୍ତଙ୍କ ନିର୍ଦ୍ଦେଶରେ ସୁନିତାଙ୍କ ଝିଅ ପାଇଁ ଛୋଟ ପାର୍ଟିର ଆୟୋଜନ ଚାଲିଥାଏ । ହଠାତ୍ ଅଫିସ୍‌ରେ ଅନଧିକାର ଚର୍ଚ୍ଚା କରି ପଶିଆସିଲେ ସତ୍ୟଜିତ । ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରାଇ ଖୁବ୍ ଖରାପ ଭାଷାରେ ସୁନିତାଙ୍କୁ ଗାଳିଗୁଲଜ ଆରମ୍ଭ କରିଦେଲେ । ଏତେ ରାତି ପର୍ଯ୍ୟନ୍ତ ଘରୁ ବାହାରେ ରହି ଅଫିସ କାମ ନାଁରେ ପାଟିରେ ମସ୍ତି କରାଯାଉଛି ବୋଲି ଖୁବ୍ ଭର୍ତ୍ସନା କଲା ସତ୍ୟଜିତ୍ ସୁନିତାଙ୍କୁ । ଆଜି ପର୍ଯ୍ୟନ୍ତ କଥା ଚାରିକାନ୍ଥ ଭିତରେ ଥିଲା । ମାତ୍ର ଆଜି ତା' ଅଫିସରେ ଏବଂ ତା'ର ତଳିଆ କର୍ମଚାରୀଙ୍କ ସମ୍ମୁଖରେ ଏଭଳି ଅପମାନ ସହ୍ୟ କରିପାରିଲାନି । ସୁନିତା ନିଜର ଗାଡ଼ି ଷ୍ଟାର୍ଟ କରି ଘରକୁ ଏକୁଟିଆ ଚାଲିଆସିଲା । ପଛରେ ପଛରେ ସତ୍ୟଜିତ ଘରକୁ ଆସିଗଲେ । କୁରୁକ୍ଷେତ୍ର ପାଲଟିଗଲା ଘର । ସୁନିତା ଝିଅକୁ ଧରି ଏଇ ରାତିରେ ବାପା ଘରକୁ ଫେରିଯିବାକୁ ଜିଦ୍ ଧରିଲା । ସମସ୍ତ ପରିବାର ବର୍ଗ ସୁନିତାଙ୍କ ବିରୋଧରେ ଠିଆ ହେଲେ । ପରିବାରର କେହି ସଦସ୍ୟ ତା' ସପକ୍ଷରେ ଗଲେ ନାହିଁ । ଏଇ ସମୟରେ ଛୋଟ ଭାଇ ଦିନେଶ ସୁନିତାଙ୍କର ସାମାନ୍ୟ ପକ୍ଷ ନେଇ ଏଭଳି ଘର ନ ଛାଡ଼ିବାକୁ ବୁଝାଉଥିଲା ବେଳେ ତାଙ୍କର ସୁହାଗିନୀ ପତ୍ନୀ ସୁଜାତା ଖୁବ୍ ରାଗିଯାଇ ଶୀଘ୍ର ସୁନିତାକୁ ଘରୁ ବାହାର କରିଦେବା ପାଇଁ ତା'ର ସବୁ ଜିନିଷ ପତ୍ର ବାହାରକୁ ଫୋପାଡ଼ି ଦେଲା । ରାଗରେ ସତ୍ୟଜିତ ଝିଅକୁ ଛଡ଼ାଇ ନେଉଥିବା ବେଳେ ସୁନିତା ଏକ ଶକ୍ତ ଧକ୍କା ଦେଇ ଝିଅକୁ ଛଡ଼ାଇ ନେଇ ଘର ବାହାରକୁ ଚାଲି ଆସିଲା ସେଇ ଗଭୀର ରାତ୍ରିରେ ।

ନଭେମ୍ବର ମାସର ଶୀତ ରାତି ପ୍ରାୟ ଏଗାରଟା ହୋଇଯାଇଥିଲା । ରାସ୍ତାଘାଟରେ ଲୋକବାକ ପ୍ରାୟ ନଥିଲେ । ଦୁଇ ମାସର ଝିଅକୁ ଧରି ସୁନିତା ଏକା ଏକା ଘରୁ ବାହାରି ଆସିଛି ତା'ର ଏବେ ଗନ୍ତବ୍ୟ କୁଆଡ଼େ ? ତା'ର ପରବର୍ତ୍ତୀ ରହଣି କେଉଁଠି ? ତା'ର ଜୀବନର ଏ ଯେଉଁ ଅସରନ୍ତି ବାଟଟା ଆଗେଇ ଚାଲିଛି ତା'ର ସମାପ୍ତି କେଉଁଠି । ରାସ୍ତା ପାଖରେ ନିଧନ ଲାଇଟ ଗୁଡ଼ା ତା'ଆଡ଼କୁ ଅନାଇ କେବଳ ଅଟହାସ୍ୟ କରୁଥାନ୍ତି । ସେଦିନର କାରୁକଳା ଶିଳ୍ପୀ, ଅଫିସର ଅପରେସନ ହେଡ, ପରୀକ୍ଷିତ ବାବୁଙ୍କର ଅଲିଅଳ କନ୍ୟା ରାଜ୍ୟପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀ ସୁନିତା ଆଜି ଦିଗହରା । ଶାଶୂଘର ବିତାଡ଼ିତା, ପାଖରେ ଏକ ମୋଟା ଟରକିଷ୍ଟ ଟାଉଲ ଝିଅକୁ ଘୋଡ଼ାଇବା ଛଡ଼ା କିଛି ନାହିଁ । ତା' ହାତରେ ଭାଗ୍ୟକୁ ଫୋନଟା ହାତରେ ରହିଯାଇଥିଲା । ଆଉ କାହାକୁ ରାତିରେ ହଇରାଣ ନ କରି ଫୋନରେ ଓଲା କ୍ୟାବ୍‌କୁ ଫୋନ ଲଗାଇଲା । ଦଶ ମିନିଟ୍ ବ୍ୟବଧାନରେ ଓଲା ଟ୍ୟାକ୍‌ସି ପହଞ୍ଚିଗଲା । ସବୁ ଝିଅଙ୍କ ଭଳି ସେହି ବିଳମ୍ବିତ ରାତ୍ରିରେ ଅନ୍ୟ କଥା ନ ଭାବି ବାପାଙ୍କ ଘରକୁ ଚାଲି ଆସିଲା ସୁନିତା ।

ଖୁବ୍ ଆଶାନେଇ, ମନର କୋହକୁ ମନରେ ଚାପିଧରି ରାତିରେ ସୁନିତା ବାପାଙ୍କ ଘରେ ପହଞ୍ଚିଲା ସତ । ମାତ୍ର ସେଠାରେ ଶାଶୂଘରୁ ବି ଖରାପ ଅବସ୍ଥା । ନିଜ ଜନ୍ମ କଲା ବାପା ଓ ପ୍ରିୟ ଭାଇ ସକାଳ ହେବା ମାତ୍ରେ ନିଜର ଅସଲ ରୂପ ପ୍ରକଟିତ କଲେ । ଏମିତି ରାତି ଅଧରେ ଶାଶୂଘର ସ୍ୱାମୀଛାଡ଼ି ଚାଲିଆସିବାକୁ ସେମାନେ ଘୋର ବିରୋଧ କଲେ । କେଉଁ ପରିବେଶ ଓ ପରିସ୍ଥିତିରେ ସୁନିତା ସତ୍ୟଙ୍କ ଘର ଛାଡ଼ିଲା ସେ ବିଷୟରେ ସେମାନେ ଶୁଣିବାକୁ ବି ନାରାଜ୍ । ମା' କିନ୍ତୁ ସାମାନ୍ୟ ବୋଧ ଦେଇ ସମସ୍ତଙ୍କୁ ଚୁପ୍ କରିବାକୁ ଚେଷ୍ଟା କରୁଥିଲେ ହେଁ ବାପ ଓ ପୁଅଙ୍କର ଚିତ୍କାର ସମ୍ମୁଖରେ ସେ ନିଷ୍ପ୍ରଭ ମନେ ହେଉଥିଲା । ଦୁଇ ମାସର ଶିଶୁକନ୍ୟା ଅନନ୍ୟା କାନ୍ଦିପାରୁନଥିଲା । ମାତ୍ର କେଉଁ ଏକ ଅଜଣା ଅପଲକ ନୟନରେ ନିଷ୍ପାପ ଶିଶୁଟି କେବଳ କନ୍‌କନ୍ ହୋଇ ଚାହିଁ ରହିଥିଲା ତା'ର ଅସହାୟ ମା'ଆଡ଼କୁ । ଏତେ ଦିନର ଅଶାନ୍ତ ଶାଶୂଘର ବାତାବରଣକୁ ଟିକିଏ ମୁକ୍ତି ପାଇଁ ତା'ର ଜନ୍ମଦାତା ମା'ବାପାଙ୍କ ନିକଟକୁ ଫେରି ଆସିଥିବା ସୁନିତା ଏଠାରେ ଏପରି ପରିସ୍ଥିତିକୁ ଆଶା କରି ନଥିଲା । ସବୁ ଦୋଷ କେବଳ ତା'ର ।

ଦୁଇ ଦିନର ଅଶାନ୍ତି ପରେ ପରିସ୍ଥିତିକୁ ଖାପଖୁଆଇ ସୁନିତା ଦିନ ଅଫିସରେ ଯୋଗ ଦେଲା । ମା'ଙ୍କ ପାଖରେ କୁନି ଝିଅ ଅନନ୍ୟାକୁ ଛାଡ଼ି ଆସିଥିବାରୁ ମନ ବି କାମରେ ଲାଗୁ ନଥାଏ । ପ୍ରାୟ ଚାରିଟା ବେଳକୁ ଜି.ଏମ୍ ଶୁଭକାନ୍ତ ନମିତାଙ୍କୁ ନିଜର ଚାମ୍ବରକୁ ଡାକି ବହି ଯାଉଥିବା ଝଡ଼ର ବିବରଣୀଟା ଶୁଣିଲେ ସୁନିତାଠାରୁ । ସୁନିତା ମଧ୍ୟ ଘଟିଯାଇଥିବା ଘଟଣା ସବୁ ଖୋଲିକି ପ୍ରକାଶ କଲେ ଶୁଭକାନ୍ତଙ୍କ ନିକଟରେ । ଶୁଭକାନ୍ତ ପ୍ରସ୍ତାବ ଦେଲେ ଘର ଭଡ଼ା କରି ଇଣ୍ଡିପେଣ୍ଡେଣ୍ଟ ରହିବା ପାଇଁ । ଏତେ ବଡ଼ ସହରରେ ଛୋଟ ପିଲାଙ୍କୁ ଧରି ଭଡ଼ା ଘରେ ରହିବା ଯେ କେତେ ବଡ଼ ଦୁଃସାହସ ସେ ଅନୁଭବ କରିପାରୁଥିଲା । ବାପ ଘରେ କିଛି ନ ହେଲେ କୁନି ଝିଅଟାକୁ ଛାଡ଼ି ଅଫିସ ଆସି ପାରିବ ମାତ୍ର ଭଡ଼ାଘରେ ?

ସବୁ ନକାରାତ୍ମକ ପରିସ୍ଥିତିକୁ କାଳ ସର୍ପ ଭଳି ଗଳାରେ ଗୁରାଇ ନୀଳକଣ୍ଠ ସଦୃଶ୍ୟ ନିଜ ବାପା ଘରକୁ ହିଁ ଏବେ ରହିବା ପାଇଁ ଉଚିତ ମନେ କଲା ସୁନିତା । ଜୀବନର ତୃତୀୟ ଇଂନିସ ଆରମ୍ଭ ହେଲା ସୁନିତାର । ଚାକିରି ଛାଡ଼ି ଦେଇ ବାପ ଘରେ ବସିଗଲେ ତା'ର ପିଲାର ଭବିଷ୍ୟତ କ'ଣ ହେବ ? ତା'ର ରକ୍ଷଣାବେକ୍ଷଣାର ଦାୟିତ୍ୱ କିଏ ନେବ ? ଏପରି ଘଟଣା ଘଟିବାର ପାଞ୍ଚ ମାସେ ହେବାକୁ ବସିଲା ମାତ୍ର ସତ୍ୟଜିତ ଥରେ ଫୋନ୍ ବି କରିବାକୁ ଉଚିତ ମଣି ନଥିଲା । ନିଜର ଜନ୍ମଦାତା କନ୍ୟାକୁ ଥରେ ଦେଖିବାକୁ ବି ଇଚ୍ଛା କଲେ ନାହିଁ । ସମୟ କାହାକୁ ଅପେକ୍ଷା କରେ ନାହିଁ । ମାତ୍ର ତାଳ ଦେଇ ଗଲା ବେଳେ ଘଟଣାର ପ୍ରବାହଟା ଖୁବ୍ ଜଟିଳ ଆଡ଼କୁ ଗତି କରୁଥିଲା ସୁନିତାର । ସୁନିତାର ଭଲ ମନ୍ଦ ବୁଝିବା ପାଇଁ ସଂସାରରେ ଏକମାତ୍ର ଦରଦୀ ହୃଦୟ ଦେଖାଇ ଆଗେଇ ଆସିଥିଲେ ଶୁଭକାନ୍ତ ବାବୁ । ସୁନିତାଙ୍କର ହାୟର ଅଫିସର୍ ଭାବରେ ନୁହେଁ ଜଣେ ଦରଦୀ ହୃଦୟ ବ୍ୟକ୍ତି ଭାବରେ । ଯେତେ ତାଙ୍କ ନିକଟରେ ହେଉଥାନ୍ତି ଶୁଭକାନ୍ତ, ସୁନିତା କେଉଁ ଏକ ଅଜଣା ଭୟରେ ନିଜକୁ ଖୁବ୍ ଦୂରତା ମନାଇବାକୁ ଉଚିତ ମନେ କରୁଥିଲେ ହେଁ ଜୀବନର କଣ୍ଟକିଳ ପଥକୁ ଅତିକ୍ରମ କରିବାକୁ ହେଲେ ପଥ ପ୍ରଦର୍ଶକଟିଏ ଖୋଜି ବାହାର କରିବା ସୁନିତାର ଖୁବ୍ ଆବଶ୍ୟକ ଥିଲା ।

ଘଟଣା ଚକ୍ରରେ ପୁଣି ଏକ ଶକ୍ତ ଧକ୍କାର ସମ୍ମୁଖୀନ ହେଲେ ସୁନିତା । ଶୁଭକାନ୍ତ ବାବୁ ସୁନିତାର କମ୍ପାନୀରୁ ରିଜାଇନ୍ ଦେଇ ଅନ୍ୟ ଏକ କମ୍ପାନୀରେ ଜଏନ କଲେ ଆହୁରି ଉଚ୍ଚ ପଦବୀରେ । ମାତ୍ର ସେଥିପାଇଁ ତାଙ୍କୁ ସୁନିତାର ସହର ଭୁବନେଶ୍ୱର ଛାଡ଼ି ବେଙ୍ଗାଲୁରୁ ଯିବାକୁ ପଡ଼ିଲା । ଖୁବ୍ ବେସାହାରା ଅନୁଭବ କଲେ ସୁନିତା । ଶୁଭକାନ୍ତଙ୍କ ଆଶୀର୍ବାଦ ଥିବାରୁ ଅଫିସରେ ଯେତେ ଟପ୍ ଟପ୍ ହେଲେ ହେଁ ସୁନିତାଙ୍କୁ ସମ୍ମୁଖରେ କେହି କିଛି ନକାରାତ୍ମକ ମନ୍ତବ୍ୟ ଦେଇ ପାରୁନଥିଲେ । ଏବେ କିନ୍ତୁ ପରିବେଶ ନିଶ୍ଚେ ବଦଳିଯିବ । ବଦଳିଯିବ ଲୋକମାନଙ୍କର ତା' ପ୍ରତି ବ୍ୟବହାର । ସୁନିତା ଛାତିକୁ ପଥର କରି ଏହି ଧକ୍କାକୁ ସହି ନେଇ ଆଗକୁ ଯିବା ପାଇଁ ପ୍ରସ୍ତୁତ ହେଉଥାଏ । ଠିକ୍ ଏହି ସମୟରେ ଗୋଟେ ଲୋମହର୍ଷଣ ଘଟଣା ତା'ଜୀବନରେ ଘଟିଲା । ସୁନିତାର ତା'ଶାଶୂ ଘରୁ ବିଦାୟ ହୋଇ ଆସିବାର ଠିକ୍ ଦଶ ଦିନ ଭିତରେ ତା'ଶାଶୂଘରେ ଗୋଟାଏ ଦୁର୍ଘଟଣା ଘଟିଲା । ସୁନିତାର ଦିଅର, ସତ୍ୟଙ୍କର ସାନ ଭାଇ ଦିନେଶଙ୍କର ରୋଡ ଆକ୍ସିଡେଣ୍ଟରେ ପ୍ରାଣ ଚାଲିଗଲା । ବଡ଼ ଦେଢ଼ଶୁର ପ୍ରଚାର କଲେ-ସୁନିତାର ଅଭିଶାପ ଏଇ ଘର ଉପରେ ପଡ଼ିଗଲା । ସାନ ବୋହୂ ସୁଜାତା ବିଧବା ହେବା ପରେ ତା' ପ୍ରତି ସମସ୍ତଙ୍କର ସହାନୁଭୂତି ରହିଲା । ମାତ୍ର ଦେଖାଗଲା ସତ୍ୟଜିତଙ୍କର ଏହି ସହାନୁଭୂତିଟା ସୁନିତାର ଅନୁପସ୍ଥିତିରେ ଭାଇବୋହୂ ସୁଜାତା ପ୍ରତି ଟିକିଏ ଅଧିକ ହୋଇପଡ଼ିଲା । ସୁଜାତା ଖୁବ୍ ଭାଙ୍ଗି ପଡୁଥିବା ସମୟରେ ସତ୍ୟଜିତ ଖୁବ୍ ବୋଧଶୋଧ କରାଇ ସୁଜାତାକୁ ରାସ୍ତାକୁ ଆଣିଥିଲେ । ମାତ୍ର ସୁନିତା ହଠାତ୍ ଶୁଣିଲେ ସତ୍ୟଜିତ ହିଁ ସୁନିତାକୁ ଛାଡ଼ ସୁଜାତାକୁ ପୁନଃ ବିବାହ କରିବେ ବୋଲି ତାଙ୍କ ଶାଶୂଘରେ ସବୁ ଠିକ୍‌ଠାକ୍ ସରିଗଲାଣି । ସୁନିତା ଏହା ଶୁଣି ମଧ୍ୟ କିଂକର୍ତ୍ତବ୍ୟ ବିମୂଢ଼ ଏଣେ ସତ୍ୟଙ୍କୁ ନିଜ ବାପଘର ତରଫରୁ ଧମକ ବି ଦେଇ ପାରୁନାହାନ୍ତି । କିମ୍ବା ଅନେକ ଟଙ୍କା ଖର୍ଚ୍ଚ କରି କୋର୍ଟ କଚେରୀକୁ ଟାଣିପାରୁନାହିଁ । ଖୁବ୍ ଦମ୍ଭ ହୋଇ ଦୈନନ୍ଦିନ କାର୍ଯ୍ୟ ନିଜେ ଦାୟିତ୍ୱ ନେଇ କରୁଥିବା ସୁନିତା ଏହି ଘଟଣା ଶୁଣିବା ପରେ ପୂରା ସ୍ତବ୍ଧ ହୋଇ ପଡ଼ିଲେ । ନିଜର ଭାଇ ବୋହୂକୁ ସ୍ତ୍ରୀ ଭାବରେ ଗ୍ରହଣ କରିବାର ଦୁର୍ବାର ପ୍ରୟାସ ସତ୍ୟଙ୍କୁ ଜଣେ ଲମ୍ପଟର ପରିଚୟ ଦେଇଛି । ଏମିତି ଏକ ଚରିତ୍ରକୁ ଏ ଦୁନିଆର କେହି ବି ସଜ୍ଜା ହୋଇପାରୁନାହାନ୍ତି । ଏମିତି ଭାବି ଭାବି ସୁନିତା ଜାଣିପାରି ନାହାନ୍ତି ତାଙ୍କ କାର ଡ୍ରାଇଭ୍ କରି ସେ ଆଗକୁ ଆଗକୁ ଚାଲିଛନ୍ତି । ଏ କ'ଣ ତାଙ୍କ ଅଜାଣତରେ ସେ ଏତେ ଗୁଡ଼ାଏ ବାଟ ଆସିସାରିଲେଣି । ଆଉ କିଛି ବାଟ ପରେ ସେ ପହଞ୍ଚିବେ ନରାଜ ବ୍ୟାରେଜ ପାଖରେ । ପୂର୍ବରୁ ଗୋଟେ ବିଭିନ୍ନ କାରଣ ଜଣାଇ ସତ୍ୟଜିତଙ୍କୁ ଜଣେ ଲମ୍ପଟ ଭାବରେ ପ୍ରମାଣ କରିବାର ସମସ୍ତ ତଥ୍ୟ ସହ ଏକ ସୁଇସାଇଡ୍ ନୋଟ ଗୋଟେ ଖାମ୍ ଭିତରେ ପୁରାଇ ରଖିଛନ୍ତି ସୁନିତା । ଏହି ନୋଟ୍‌ରିର ଇ-ମେଲ କପି ବିଭିନ୍ନ ବିଭାଗକୁ ଏପରିକି ରାଜ୍ୟ ମହିଳା ଆୟୋଗକୁ ମଧ୍ୟ କରି ଦେଇଛନ୍ତି । ନିଜର ଏହି ଅଲୋଡ଼ା ଜୀବନକୁ ଆଜି ନରାଜ ବ୍ୟାରେଜରେ ଶେଷ କରି ଦେବେ, ତା' ପୂର୍ବରୁ ସତ୍ୟଜିତଙ୍କର ଅସଲ ପରିଚୟ ସାର୍ବଜନୀନ କରାଇ ଦେବେ । ଗାଡ଼ିଟିକୁ ସାଇଡ୍‌ରେ ପାର୍କିଂ କରି କୌଣସି ଏକ ଯାଦୁଗରର ମନ୍ତ୍ରରେ ବଶୀଭୂତ ହେବା ଭଳି ବ୍ୟାରେଜର ଗଭୀର ଜଳ ଆଡ଼କୁ ଆଗେଇ ଚାଲିଛନ୍ତି ସୁନିତା । ଦୂରରୁ ଡ୍ୟୁଟିରେ ରହିଥିବା ସିକ୍ୟୁରିଟି ମ୍ୟାଡାମ ଡାକି ଯେତେ ଅଟକାଇବାକୁ ଚେଷ୍ଟା କରି ଚାଲିଥିଲେ ବି ଯନ୍ତ୍ରବତ ଆଗେଇ ଚାଲିଛନ୍ତି ସୁନିତା ଆଗକୁ ଆଗକୁ । ବିଚରା ଗାର୍ଡ଼ଟି ବିକଳରେ ହୁଇସିଲ ବଜାଇ ଅନ୍ୟ ସାଥୀମାନଙ୍କୁ ଡକାଇବାରେ ବ୍ୟସ୍ତ । ହଠାତ୍ ସୁନିତାଙ୍କ ହାତରେ ଧରିଥିବା ସ୍ମାର୍ଟ ଫୋନଟା ଜୋରରେ ବାଜି ଉଠିଲା । ଯନ୍ତ୍ରବତ ସୁନିତା ଫୋନ୍‌ର ଘଣ୍ଟି ଶୁଣି ସେହିଠାରେ ଛିଡ଼ା ହୋଇ ଫୋନ୍‌ଟିକୁ ଚାହିଁଲେ । ଗୋଟେ ହ୍ୱାଟସ ଆପ ଭିଡିଓ କଲିଂ, ମାତ୍ର କୌଣସି ନୂତନ ନମ୍ବର । ହଠାତ୍ କଲଟାକୁ ରିସିଭ କଲେ ସୁନିତା । ସେପଟୁ ଦେଖିଲେ ଫୋନ୍‌ଟା ଥିଲା ଶୁଭକାନ୍ତଙ୍କର । ଶୁଭକାନ୍ତ ଅତି ଉତ୍ସାହିତ ହୋଇ ନୂଆ ଫୋନଟିରେ ନୂଆ ନମ୍ବର କଲ୍ କରି ସୁନିତାଙ୍କୁ ଅନେକ କିଛି କହିବାକୁ ଆଗ୍ରହୀ ଦେଖାଯାଉଥିଲେ । ହଠାତ୍ ଶୁଭକାନ୍ତଙ୍କୁ ଦେଖି ସୁନିତା ନିଜ ହୋସକୁ ଚାଲିଆସିଲେ । ସେପଟରୁ ଶୁଭକାନ୍ତ ଖୁବ୍ ଅନୁନୟ ହୋଇ ସୁନିତାଙ୍କୁ ପ୍ରସ୍ତାବ ଦେଉଥିଲେ- "ଉଇଲ ୟୁ ମ୍ୟାରେଜ ମି ଡିଅର ସୁନିତା" । କିଛି ସମୟ ପରେ ସୁନିତା ଆବିଷ୍କୃତ ହେଲେ ନରାଜ ଗ୍ୟାରେଜରେ ଗାର୍ଡ଼ ରୁମ୍‌ରୁ ଅଚେତ ଅବସ୍ଥାରେ ।

*ରାଜସୁନାଖଳା, ଖୋର୍ଦ୍ଧା*

# ପରଫେକ୍ଟ ସ୍କର୍ଟ ଲୁକ୍



**ସ୍କର୍ଟ ହେଉଛି ଏକ ଭର୍ସାଟାଇଲ୍ ଆଉଟ୍‌ଫିଟ୍; ଯାହାର ଅନେକ ପାର୍ଟନ ଦେଖିବାକୁ ମିଳେ । ଆଉ ଯାହାକୁ କାଜୁଆଲ୍ ଆଉଟିଂ ହେଉ କି ପାର୍ଟି ଫଙ୍କସନ୍ ଏପରିକି ଅଫିସ୍‌କୁ ବି ଆରାମରେ କ୍ୟାରି କରିହୁଏ । ତେବେ ସ୍କର୍ଟ ଯେଉଁ ପାର୍ଟନର ବି ହେଉନା କାହିଁକି ଏହାକୁ କିଭଳି ଷ୍ଟାଇଲ୍ କଲେ ପରଫେକ୍ଟ ସ୍କର୍ଟ ଲୁକ୍ ପାଇହେବ ଜାଣନ୍ତୁ ସେ ସମ୍ପର୍କରେ...**



*** ଟି ଲେଙ୍ଗ୍‌ଥ ସ୍କର୍ଟ:** ଏହି ସ୍କର୍ଟ ଫୁଲ ଲେଙ୍ଗ୍‌ଥର ଆଦୌ ହୋଇ ନଥାଏ । ଏହାର ଲମ୍ବା ପ୍ରାୟତଃ ଆଣ୍ଠୁ ତଳକୁ ଆଉ ଗୋଇଠି ଉପରକୁ ରହିଥାଏ । ଏହି ସ୍କର୍ଟ ସାଙ୍ଗକୁ ସାର୍ଟ ହେଉ ଅବା ମ୍ୟାଚିଂ ଟପ୍ସ ପିନ୍ଧିଲେ ହିଁ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ । ଅଫିସ୍ ପାଇଁ ଏହି ଗେଟ୍‌ଅପ୍ ପରଫେକ୍ଟ ଲୁକ୍ ଦେଇଥାଏ । ତା'ଛଡ଼ା ଏହି ଟାଇପ୍‌ର ସ୍କର୍ଟ ସାଙ୍ଗକୁ ହାଲ୍‌କା ମେକ୍‌ଅପ୍ ଏବଂ ହାଇ ହିଲ୍ ଭଲ ମାନିଥାଏ ।

*** ପେନ୍‌ସିଲ୍ ସ୍କର୍ଟ:** ଏହି ସ୍କର୍ଟର ଟ୍ରେଣ୍ଡ କେବେ ବି ଆଉଟ୍ ଡେଟେଡ୍ ହୁଏନି । ଆଗରୁ କେବଳ କର୍ପୋରେଟ୍ ଅଫିସ୍‌ରେ ହିଁ ଯୁବତୀମାନେ ଏହି ଟାଇପ୍‌ର ସ୍କର୍ଟ ପିନ୍ଧୁଥିଲେ । କିନ୍ତୁ ଏବେ ବିଭିନ୍ନ ଅକେଜନ୍‌ରେ ଏହି ସ୍କର୍ଟକୁ ପିନ୍ଧୁଥିବା ଦେଖିବାକୁ ମିଳୁଛି । ଏହି ଟାଇପ୍‌ର ସ୍କର୍ଟ ସାଙ୍ଗକୁ କମ୍ଫଟେବୁଲ୍ ଲୋ ହିଲ୍ସ ବହୁତ ସୁନ୍ଦର ମାନିଥାଏ । ତା' ଛଡ଼ା ମ୍ୟୁଲ୍ସ ହେଉ କି ଷ୍ଟ୍ରାଇପ୍ ହିଲ୍ସକୁ ବି ଏହି ସ୍କର୍ଟ ସାଙ୍ଗରେ ପିନ୍ଧିଲେ ଲୁକ୍ ଟିକେ ଡିଫରେଣ୍ଟ୍ ଲାଗିଥାଏ ।

*** ଫ୍ଲେୟର୍ଡ ସ୍କର୍ଟ:** ଏହି ଟାଇପ୍‌ର ସ୍କର୍ଟ ସାଙ୍ଗକୁ ହାଇ ହିଲ୍ ପିନ୍ଧିଲେ ଆଉଟ୍ ଷ୍ଟାଣ୍ଡିଂ ଲୁକ୍ ମିଳେ । ତା'ଛଡ଼ା ଅକେଜନ୍‌କୁ ଦେଖି ଭିନ୍ନ ଭିନ୍ନ ଫୁର୍ ସାଙ୍ଗରେ ଏହି ସ୍କର୍ଟକୁ ପେୟାର କଲେ ଡିଫରେଣ୍ଟ ଲୁକ୍ ମିଳିଥାଏ । ଯେମିତିକି ଖରାଦିନେ ଫ୍ଲେୟର୍ଡ ସ୍କର୍ଟ ସାଙ୍ଗକୁ ପ୍ଲାଟଫର୍ମ ସ୍ୟାଣ୍ଡେଲ୍, ଇଣ୍ଟରଭ୍ୟୁ ପାଇଁ ଗଲାବେଳେ ଏହି ସ୍କର୍ଟ ସାଙ୍ଗକୁ ପମ୍ପ୍ସ ସୁ ଟ୍ରାଏ କଲେ ଲୁକ୍ ଟିକେ ଭିନ୍ନ ଦେଖାଯାଇଥାଏ ।

*** ଟ୍ୟୁଲିପ୍ ସ୍କର୍ଟ:** ଏହି ସ୍କର୍ଟର ଭିନ୍ନ ଶେପ୍ ପାଇଁ ହିଁ ଏହାର ଏପରି ନାମ ରଖାଯାଇଥିବା କୁହାଯାଏ । ଏହା ମୁଖ୍ୟତଃ ହିପ୍ସକୁ ହାଇଲାଇଟ୍ କରିଥାଏ । ଏହି ସ୍କର୍ଟ ସାଙ୍ଗକୁ ଏଭଳି ଫୁଟ୍‌ୱେର୍ ପିନ୍ଧିବା ଦରକାର, ଯାହା ଆଙ୍କେଲ୍‌କୁ କଭର୍ କରିବା ସହ ଟୋକୁ ଓପନ୍ ରଖୁଥିବ । ତା'ଛଡ଼ା ଆବଶ୍ୟକ ହେଲେ, ମ୍ୟାଚିଂ କଲର୍ ଫୁଟୱେର୍‌କୁ ବି ଏହା ସହ ଟ୍ରାଏ କରିପାରିବେ । ଷ୍ଟ୍ରାଇପ୍ ଗ୍ଲାଡିଏଟର୍ ସ୍ୟାଣ୍ଡେଲ୍ ବି ଏହି ସ୍କର୍ଟକୁ ଭଲ ମାନିଥାଏ । ତା'ଛଡ଼ା ଯଦି ଆପଣ ଟିକେ ସ୍ପୋର୍ଟି ଟଚ୍ ଚାହୁଁଥାନ୍ତି, ତା'ହେଲେ ଟ୍ୟୁଲିପ୍ ସ୍କର୍ଟ ସାଙ୍ଗକୁ ସ୍ନିକର୍ସ ବି ଟ୍ରାଏ କରିହେବ ।



*** ଏ ଲାଇନ୍ ସ୍କର୍ଟ:** ଏହି ଟାଇପ୍‌ର ସ୍କର୍ଟରେ ଗୋଡ଼ ଟିକେ ଛୋଟ ଦେଖାଯାଇଥାଏ କିନ୍ତୁ ହିପ୍ସ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ । ତେଣୁ ଏହି ସ୍କର୍ଟ ସାଙ୍ଗକୁ ଫୁଟ୍‌ୱେର୍ ଚୟନ କଲାବେଳେ ଟିକେ ଦେଖିଚାହିଁ ଏମିତି ଫୁଟ୍‌ୱେର୍ ଚୟନ କରିବା ଆବଶ୍ୟକ; ଯେଉଁଥିରେ ଗୋଡ଼ ଟିକେ ଲମ୍ବା ଦେଖାଯିବ । ଏଥିପାଇଁ ମିଡ୍ କିମ୍ବା ହାଇ ହିଲ୍ସ ପରଫେକ୍ଟ ହୋଇଥାଏ । କିନ୍ତୁ ଯେଉଁମାନେ ଟିକେ ଡିଫରେଣ୍ଟ ଲୁକ୍ ଚାହାନ୍ତି, ସେମାନେ ଏହି ସ୍କର୍ଟ ସାଙ୍ଗରେ ସ୍ନିକର୍ସ ବି ଟ୍ରାଏ କରିପାରିବେ ।

*** ମିନି ସ୍କର୍ଟ:** ଏହି ଟାଇପ୍‌ର ସ୍କର୍ଟ କୁଲ୍ ଲୁକ୍ ଦେଇଥାଏ । ଏହା ସାଙ୍ଗକୁ ବୁଟ୍ ଟ୍ରାଏ କଲେ ଷ୍ଟନିଂ ଲୁକ୍ ମିଳେ । ଖାସକରି ହାଇ ହିଲ୍ ବୁଟ୍ସ ହେଉ କି ନି ଲେଙ୍ଗ୍‌ଥ ବୁଟ୍ସ ଏହି ସ୍କର୍ଟ ସାଙ୍ଗରେ ପିନ୍ଧିଲେ ଆଟ୍ରାକ୍ଟିଭ୍ ମଡର୍ଣ୍ଣ ଲୁକ୍ ମିଳିଥାଏ ।





## ଆମିଷ ଗନ୍ଧ ଦୂର କରିବାର ଉପାୟ

ମାଛ ଖାଇବାକୁ ପ୍ରାୟତଃ ସମସ୍ତେ ଭଲ ପାଆନ୍ତି । ହେଲେ ଆମେ ଯେଉଁ ପାତ୍ରରେ ମାଛ ରୋଷେଇ କରିଥାଉ କିମ୍ବା ଯେଉଁ ପ୍ଲେଟରେ ଖାଇଥାଉ ତା ବାସ୍ନା ଶୀଘ୍ର ଯାଇନଥାଏ । ଯଦ୍ୱାରା ବିରକ୍ତି ଲାଗିଥାଏ । ଆପଣ ମଧ୍ୟ ଏପରି ସମସ୍ୟାରେ ପଡିଥାଇପାରନ୍ତି । ହେଲେ ଚିନ୍ତା କରନ୍ତୁ ନାହିଁ ଆଜି ଏପରି କିଛି ଟିପ୍ସ ଦେବୁ ଅତି ସହଜରେ ଆପଣଙ୍କ ବାସନରୁ ବାସ୍ନା ଉଡିଯିବ ।

**ଲେମ୍ବୁ:** ବାସନରୁ ଆଇଁଷ ବାସ୍ନା ହଟାଇବା ପାଇଁ ଲେମ୍ବୁ ଚୋପା ଘୋଷନ୍ତୁ । ଏହା ପରେ ଏହାକୁ ୨୦ ମିନିଟ୍ ଛାଡି ଧୁଅନ୍ତୁ । ଆପଣ ଚାହିଁଲେ ଏକ କପଡାରେ ଲେମ୍ବୁ ରସ ମିଶାଇ ବାସନକୁ ସଫା ମଧ୍ୟ କରିପାରିବେ ।

**ଭିନେଗାର୍:** ଭିନେଗାର କେବଳ ବାସନର ମଇଳା ସଫା କରେ ନାହିଁ ଏହା ବାସନକୁ ଚକ୍‌ଚକ୍ ମଧ୍ୟ କରିଥାଏ । ଯଦି ଆପଣ ବାସନରୁ ବାସ୍ନା ହଟାଇବାକୁ ଚିନ୍ତା କରୁଛନ୍ତି ତେବେ ପ୍ରଥମେ ବାସନକୁ ହାଲୁକା ସାବୁନରେ ସଫା କରିଦିଅନ୍ତୁ । ଏହା ପରେ ବାସନରେ ଏକ ଚାମଚ ଭିନେଗାର ପକାଇ କିଛି ସମୟ ଛାଡ଼ିଦିଅନ୍ତୁ । ଆଉ ଧୋଇଦେବା ପରେ ଦେଖିବେ ଆଇଁଷ ବାସ୍ନା ପୂରା ଗାଏବ ।

**କମଳା ଚୋପା:** ମାଛ ତରକାରୀ କରିଥିବା ବାସନରେ ଲେମ୍ବୁ କିମ୍ବା କମଳା ଚୋପାକୁ ପାଣିରେ ପକାଇ ଗରମ କରନ୍ତୁ । ଏହାକୁ ୩୦ ମିନିଟ୍ ରଖିବା ପରେ ସାବୁନରେ ଧୋଇଦିଅନ୍ତୁ । ଦେଖିବେ ସେହି ବାସନରୁ ବାସ୍ନା ପୂରା ଉଡ଼ିଯିବ ।

ସେଓ: ମାଛ ରୋଷେଇ କରିବା ପୂର୍ବରୁ ସେହି ବାସନରେ ସେଓର ଏକ ଖଣ୍ଡ ଘଷି ଦିଅନ୍ତୁ । ଏହା ଦ୍ୱାରା ଦୁର୍ଗନ୍ଧ ମରିଯିବ ।

# ସୁନ୍ଦର କିନ୍ତୁ ଭୟଙ୍କର



**ସମୁଦ୍ରଗର୍ଭରେ ଅନେକ ପ୍ରକାର ମାଛ ଅଛନ୍ତି । କିଛି ମାଛ ଖାଇବାକୁ ବେଶ୍ ସୁସ୍ୱାଦୁ ହେବାବେଳେ କିଛି ମାଛ ଖାଦ୍ୟପୋଯୋଗୀ ନୁହନ୍ତି । ଆଉ କିଛି ମାଛ ତ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାନ୍ତି । ତେବେ ଏହି ସୁନ୍ଦର ମାଛ ମଧ୍ୟରେ କିଛି ଦେଖିବାକୁ ଭଲ ଲାଗିଲେ ବି ପ୍ରକୃତି ତାଙ୍କର ଥାଏ ଖୁବ୍ ଭୟଙ୍କର...**





* ଷ୍ଟୋନ ଫିସ୍: ସମୁଦ୍ରର ଗଭୀର ଜଳରାଶିରେ ଏହି ମାଛ ଦେଖିବାକୁ ମିଳେ । ରଙ୍ଗୀନ ପଥର ପରି ଏହାର ରୂପ ହୋଇଥିବାରୁ ହଠାତ୍ ଏହାକୁ ଚିହ୍ନିବା ସମ୍ଭବ ହୁଏ ନାହିଁ । ଆକାର ଦୃଷ୍ଟିରୁ ଏହା ବେଶି ବଡ଼ ଦେଖା ଯାଉ ନଥିଲେ ବି ଏହି ମାଛର ଦେହରେ ଭରି ରହିଥାଏ ଭୟଙ୍କର ବିଷ । ଯଦି ଭୁଲ୍ ବଶତଃ ଅନ୍ୟ କୌଣସି ସାମୁଦ୍ରିକ ଜୀବର ଶରୀର ଏହି ମାଛ ଦେହରେ ଘସି ହୋଇଯାଏ, ତା'ହେଲେ ଏହି ମାଛ ତତ୍‌କ୍ଷଣାତ୍ ନିଜ ଶରୀରରୁ ବିଷ ନିର୍ଗତ କରିଥାଏ । ଆଉ ସେହି ବିଷର ଜ୍ୱାଳା ଖୁବ୍ ଭୟଙ୍କର ହୋଇଥିବାରୁ ଅନ୍ୟ ଜୀବଟିର ଜୀବନ ପ୍ରତି ବିପଦ ଦେଖାଯାଇଥାଏ । ଏପରିକି କୌଣସି ବ୍ୟକ୍ତିଙ୍କର ଯଦି ପାଦ ଏହି ମାଛ ଉପରେ ପଡ଼ିଯାଏ, ତା'ହେଲେ ସଙ୍ଗେସଙ୍ଗେ ତାଙ୍କ ପାଦରେ ଇନ୍‌ଫେକ୍‌ସନ୍ ହୋଇଯିବାର ସୂଚନା ରହିଛି ।

* ୟେଲୋ ବକ୍ସଫିସ୍: ଏକ ଛୋଟ ବକ୍ସ ପରି ଏହାର ଶରୀର ଦେଖାଯାଇଥାଏ । ତା'ସାଙ୍ଗକୁ ହଳଦିଆ ରଙ୍ଗ ଏହାକୁ ବେଶ୍ ମାନିଥାଏ । ହଳଦିଆ ରଙ୍ଗର ଶରୀର ଉପରେ କଳା ପୋଲ୍‌କା ଡଟ୍ ପରି ସ୍କଟ୍ ଥିବାରୁ ଏହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗେ; ସେଥିପାଇଁ ଏହାକୁ ୟେଲୋ ବକ୍ସଫିସ୍ କୁହାଯାଏ । ଏହି ମାଛକୁ ମୁଖ୍ୟତଃ ପ୍ରଶାନ୍ତ ମହାସାଗର, ହିନ୍ଦ୍ ମହାସାଗର ଏବଂ ଅଟଲାଣ୍ଟିକ୍ ମହାସାଗରରେ ଦେଖିବାକୁ ମିଳିଥାଏ । ମାତ୍ର ୪୫/୪୬ ସେଣ୍ଟିମିଟର ଲମ୍ବା ବିଶିଷ୍ଟ ଏହି ମାଛ କିନ୍ତୁ ଦୁଃଖୀ ହେଲେ କିମ୍ବା ଏହାର ଶରୀରର କୌଣସି ସ୍ଥାନରେ କ୍ଷତ ହୋଇଗଲେ, ଏହା ନିଜ ଶରୀରରୁ ଏକ ପ୍ରକାରର ଟକ୍ସିକ୍ ଛାଡ଼େ, ଯାହା ଅନ୍ୟ ଜୀବଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ ।

* ପଫର୍ ଫିସ୍: ଏହା ପାଣି ଭିତରେ ସାଧାରଣ ମାଛ ପରି ପହଁରୁଥାଏ । କିନ୍ତୁ ବିପଦର ସଙ୍କେତ ମିଳିବା ମାତ୍ରେ ଏହା ନିଜକୁ ରକ୍ଷା କରିବା ପାଇଁ ଶରୀରକୁ ଫୁଲାଇ ବଡ଼ ଦେଖାଯିବାକୁ ଚେଷ୍ଟା କରିଥାଏ । ସେଥିପାଇଁ ଏହାକୁ କେହି କେହି ସ୍ୱେଲ୍ ଫିସ୍ ଅଥବା ବ୍ଲୋ ଫିସ୍ ବୋଲି ବି କରିଥାନ୍ତି । ଆକାର ଦୃଷ୍ଟିରୁ ଏହା ଗୋଲମୋଟଲ ଦେଖାଯାଉଥିବାରୁ ଭାରି ସୁନ୍ଦର ଲାଗିଥାଏ ସତ କିନ୍ତୁ ଏହି ମାଛର ଶରୀରରେ ବି ଭୟଙ୍କର ବିଷ ଭରି ରହିଥାଏ । ସେଥିପାଇଁ ଏହାକୁ ଛୁଇଁବା ସମୟରେ ବେଶ୍ ସତର୍କତା ଅବଲମ୍ବନ କରିବାକୁ ହୋଇଥାଏ ।

* ରେଡ୍ ଲାୟନ୍ ଫିସ୍: ଶରୀରରେ ହାଲ୍‌କା ନାଲି ରଙ୍ଗର ଗାର ସାଙ୍ଗକୁ ଛିଟ ଛିଟ ଦାଗ, ତା' ସହିତ ପୁଣି ଏକାଧିକ ଡେଣା ଏହାକୁ ଆକର୍ଷଣୀୟ ରୂପ ଦେଇଥାଏ । ଆକାରରେ ଛୋଟ ଦେଖାଯାଉଥିଲେ ହେଁ, ଏହି ମାଛ ଦେହରେ ଯେଉଁ ସରୁ ସରୁ ଡେଣା ରହିଥାଏ, ସେଥିରେ ଭରି ରହିଥାଏ ଭୟଙ୍କର ବିଷ । ଯାହାର ଆଘାତ ମାତ୍ରେ ହିଁ କୌଣସି ଜୀବ ହେଉ ଅବା ପ୍ରାଣୀଙ୍କର ଜୀବନ ପ୍ରତି ବିପଦ ମାଡ଼ି ଆସିଥାଏ ।





* ମୋରେ ଇଲ୍ ଫିସ୍: ଏହି ମାଛର ଶରୀର ଦେଖିବାକୁ ଲମ୍ବା ଆଉ ପତଳା ହୋଇଥାଏ । ଏହା ମୁଖ୍ୟତଃ ସମୁଦ୍ର ପୃଷ୍ଠରେ ଥିବା ଗୁମ୍ଫା ସଦୃଶ ଚଟାଣରେ ଲୁଚି ରହିବାକୁ ପସନ୍ଦ କରିଥାଏ । ଆଉ ଶିକାର ପାଖକୁ ଆସିବା ମାତ୍ରେ ଏହା ତତ୍‌କ୍ଷଣାତ୍ ସେହି ଚଟାଣ ଭିତରୁ ବାହାରି ଆସି ଶିକାରକୁ କାବୁ କରି ନେଇଥାଏ । ସବୁଠୁ ବଡ଼ କଥା ହେଉଛି ଏହି ମାଛର ଖୁବ୍ ତୀକ୍ଷ୍ଣ ଦାନ୍ତ ରହିଥାଏ । ଥରେ ଏହା ଶିକାରକୁ ଦାନ୍ତରେ କାମୁଡ଼ି ଧରିଲେ ତାହା ସହଜରେ ଆଉ ମୁକୁଳି ପାରେନାହିଁ । ତା ଛଡ଼ା ଏହି ମାଛର ଆଘ୍ରାଣ ଶକ୍ତି ଖୁବ୍ ପ୍ରଖର ହୋଇଥାଏ ବୋଲି ସୂଚନା ରହିଛି । ଯେଉଁଥିପାଇଁ ଏହା ଚଟାଣ ଭିତରେ ଲୁଚି ରହିଥିଲେ ବି ଶିକାରର ବାସ୍ନା ଶୁଙ୍ଘି ଆକ୍ରମଣ କରିବାରେ ସଫଳ ହୋଇଥାଏ ।

## ଓଜନ କମାଏ ବିଟଲୁଣ

ବିଟଲୁଣ ଖାଦ୍ୟର ସ୍ୱାଦ ଦୁଇ ଗୁଣା କରିଦେଇଥାଏ । ଖାସ କରି ଜଳଖିଆ(ତେଜରାଜି)ରେ ବିଟଲୁଣ ପକାଇ ଦେଲେ ବେଶ ସୁଆଦିଆ ଲାଗିଥାଏ । ଏହା କେବଳ ସ୍ୱାଦ ବଢ଼ାଇ ନଥାଏ । ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁ ଉପକାରୀ । ପ୍ରତିଦିନ ଏକ ନିଶ୍ଚିତ ମାତ୍ରାରେ ଏହାର ବ୍ୟବହାର କରାଗଲେ ଅନେକ ରୋଗ ହେବାର ଆଶଙ୍କା ଦୂର ହୋଇଥାଏ । ବିଟଲୁଣକୁ ଖାଦ୍ୟରେ କିମ୍ବା ସାଲାଡରେ ନିୟମିତ ଖାଇବା ଉଚିତ । କାରଣ ଏହାର ଅନେକ ଫାଇଦା ରହିଛି । ଆସନ୍ତୁ ଜାଣିବା ବିଟଲୁଣର ଉପକାରୀ ଗୁଣ ସମ୍ପର୍କରେ ।

❖ ବିଟଲୁଣ ଖାଇବା ଦ୍ୱାରା ଆଣ୍ଠୁଗଣ୍ଠି ଦରଜରୁ ମୁକ୍ତି ମିଳେ । ଏଥିପାଇଁ ଏକ ସୂତା କପଡ଼ାରେ କିଛି ବିଟଲୁଣ ନେଇ ଏକ ପୁଟୁଳା କରି ଏହାକୁ କଡ଼େଇ କିମ୍ବା ତାୱାରେ ଗରମ କରନ୍ତୁ । ଏହା ପରେ ଆଣ୍ଠୁଗଣ୍ଠି ଉପରେ ସେକ ଦିଅନ୍ତୁ । ଏପରି ପ୍ରତ୍ୟେକ ଦିନ ୩ରୁ ୪ ଥର କରନ୍ତୁ । ଦେଖିବେ ଆରାମ ଲାଗିବ ।

❖ ବିଟଲୁଣକୁ ପାଣି ସହ ଖାଇଲେ ପେଟର ପାଚନ କ୍ରିୟା ସୁଧୁରିଥାଏ । ଖାଦ୍ୟରେ ବିଟଲୁଣ ବ୍ୟବହାର କଲେ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳେ ଓ ହଜମ ଭଲ ହୁଏ ।

❖ ବିଟଲୁଣ ସର୍ଦ୍ଦି, କାଶ, ଆଜମା ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ । ଗରମ ପାଣିରେ ପର୍ଯ୍ୟାପ୍ତ ପରିମାଣର ଲୁଣ ମିଶାଇ ଏହାର ବାମ୍ପ ନେବା ଦ୍ୱାରା କଫ ଜଳଦି ଭଲ ହୋଇଥାଏ ।

❖ ବିଟଲୁଣ ଖାଦ୍ୟର ସ୍ୱାଦ ବଢ଼ାଇବା ସହ ମୋଟାପଣ ଦୂର କରିଥାଏ । ଏକ ଗ୍ଲାସ ପାଣିରେ ଏକ ଚାମଚ ଲେମ୍ବୁ ରସ ଓ ବିଟଲୁଣ ପକାଇ ଏହାର ଘୋଳ ପ୍ରସ୍ତୁତ କରନ୍ତୁ । ଶୋଷ ଲାଗିଲେ ଦିନ ସାରା ଏହି ଘୋଳକୁ ପିଅନ୍ତୁ । ନିୟମିତ ଭାବେ ଏପରି କରିବା ଦ୍ୱାରା ପେଟର ଚର୍ବି ଜମା ହୋଇନଥାଏ । ଫଳରେ ମୋଟାପଣରୁ ଧୀରେ ଧୀରେ ମୁକ୍ତି ମିଳିଥାଏ ।

❖ ସାଧାରଣ ଲୁଣ ଅପେକ୍ଷା ବିଟଲୁଣରେ କମ୍ ମାତ୍ରାରେ ସୋଡିୟମ ରହିଛି । ଯାହା ଦ୍ୱାରା କୋଲେଷ୍ଟ୍ରଲ ବୃଦ୍ଧି ପାଇ ନ ଥାଏ । ଫଳରେ ଆପଣଙ୍କ ହୃଦୟ ସୁସ୍ଥ ରହିଥାଏ ।

# ସହସ୍ର ବାହୁ ମନ୍ଦିର



**ରାଜସ୍ଥାନଠାରେ ରହିଛି ପ୍ରଭୁ ବିଷ୍ଣୁଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର; ଯାହାର ନାଁ ହେଉଛି ସହସ୍ର ବାହୁ ମନ୍ଦିର। ଏହି ମନ୍ଦିରର ଆକର୍ଷଣୀୟ ବାସ୍ତୁକଳା ସାଙ୍ଗକୁ ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ ...**

ରାଜସ୍ଥାନର ଉଦୟପୁର ଜିଲ୍ଲା ଅନ୍ତର୍ଗତ ନାଗଦା ନାମକ ଏକ ଗାଁ ନିକଟରେ ରହିଛି ସହସ୍ର ବାହୁ ମନ୍ଦିର। ଏହି ମନ୍ଦିର ମୁଖ୍ୟତଃ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। କେବଳ ପ୍ରଭୁ ବିଷ୍ଣୁ କାହିଁକି ଏଠାରେ ଅନ୍ୟାନ୍ୟ ଦେବଦେବୀଙ୍କୁ ମଧ୍ୟ ପୂଜା କରାଯାଇଥାଏ। ଖାସ୍ କରି ବୀରଭଦ୍ର ହେଉଛନ୍ତି ଏଠାକାର ଅନ୍ୟତମ ଆରାଧ୍ୟ ଦେବତା। ଯାହାବି ହେଉ ଆକର୍ଷଣୀୟ ବାସ୍ତୁକଳାରେ ନିର୍ମିତ ଏହି ମନ୍ଦିରର ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ତା'ଛଡ଼ା ଏଠାରେ ପୂଜା ପାଉଥିବା ବିଷ୍ଣୁ ମହାପ୍ରଭୁ ଓ ପ୍ରଭୁ ବୀରଭଦ୍ର ଖୁବ୍ ପ୍ରତ୍ୟେକ୍ଷ ହୋଇଥିବାରୁ ତାଙ୍କ ଆଶୀର୍ବାଦ ଲଭିବା ପାଇଁ ବର୍ଷସାରା ଏଠାରେ ଶ୍ରଦ୍ଧାଳୁଙ୍କର ଖୁବ୍ ଭିଡ଼ ଦେଖିବାକୁ ମିଳିଥାଏ।

## ମନ୍ଦିରକୁ ନେଇ କିମ୍ବଦନ୍ତୀ

କିମ୍ବଦନ୍ତୀରୁ ଯାହା ଜଣାଯାଏ, କିଛୱାହା ରାଜବଂଶର ରାଜା ମହିପାଲ ନିଜ ଧର୍ମପତ୍ନୀଙ୍କୁ ଖୁବ୍ ଭଲ ପାଉଥିଲେ। ଆଉ ତାଙ୍କ ପତ୍ନୀ ଥିଲେ ଭଗବାନ ବିଷ୍ଣୁଙ୍କର ଜଣେ ପରମ ଭକ୍ତ। ଖାସ୍‌କରି ପତ୍ନୀଙ୍କର ଖୁସି ପାଇଁ ରାଜା ଏହି ସ୍ଥାନରେ ପ୍ରଭୁ ବିଷ୍ଣୁଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର ନିର୍ମାଣ କଲେ, ଆଉ ତାହାର ନାମ ଦେଲେ ସହସ୍ର ବାହୁ ମନ୍ଦିର। ପରବର୍ତ୍ତୀ ସମୟରେ ରାଜାଙ୍କର ପୁଅ ବିବାହ କରି ଘରକୁ ଯେବେ ନୂଆ ବୋହୂ ଆଣିଲେ, ସେହି ନବବଧୂ ଭଗବାନ ଶିବଙ୍କୁ ନିଷ୍ଠାର ସହ ପୂଜା କରୁଥିଲେ। ଆଉ ବୋହୂଙ୍କର ଖୁସି ପାଇଁ ରାଜା ନିଜ ପତ୍ନୀଙ୍କ ପାଇଁ ଯେଉଁ ମନ୍ଦିର ଗଢ଼ିଥିଲେ ସେହି ମନ୍ଦିରର କିଛି ପରିସରରେ ଭଗବାନ ଶିବଙ୍କୁ ସମର୍ପିତ ଆଉ ଏକ ମନ୍ଦିର ଗଢ଼ି ଦେଇଥିଲେ। ଖାସ୍ ସେଇଥିପାଇଁ ଅନେକେ ଏହି ମନ୍ଦିରକୁ ଶାଶୂ-ବୋହୂ ମନ୍ଦିର ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି। ପ୍ରକୃତପକ୍ଷେ ଏଠାରେ କେହି ଶାଶୂ ବୋହୂ ପୂଜା ପାଆନ୍ତି ନାହିଁ ବରଂ ଶାଶୁବୋହୂଙ୍କର ଆରାଧ୍ୟ ଦେବତାଙ୍କୁ ଏଠାରେ ପୂଜା କରାଯାଉଥିବାରୁ ଖୁସିରେ ଅନେକେ ଏହି ମନ୍ଦିରକୁ ଏମିତି ସମ୍ବୋଧନ କରିଥାନ୍ତି।

## ମନ୍ଦିରର ବାସ୍ତୁକଳା

ପରବର୍ତ୍ତୀ ସମୟରେ ଏହି ମନ୍ଦିରର ପରିସର ଭିତରେ ଆହୁରି ଅନେକ ଛୋଟ ଛୋଟ ମନ୍ଦିର ମଧ୍ୟ ଗଢ଼ି ଉଠିଥିଲା। ଆଉ ସେହି ମନ୍ଦିରଗୁଡ଼ିକରେ ବିଭିନ୍ନ ଦେବୀଦେବତାଙ୍କୁ ମଧ୍ୟ ପୂଜା କରାଯିବାର ବ୍ୟବସ୍ଥା କରାଯାଇଥିଲା। ତେବେ ସେ ଯାହା ବି ହେଉ ଆକର୍ଷଣୀୟ ବାସ୍ତୁକଳାରେ ଗଢ଼ି ଉଠିଥିବା ଏହି ମନ୍ଦିରଗୁଡ଼ିକର ଅପରୂପ ସୌନ୍ଦର୍ଯ୍ୟ କାହାକୁ ବି ଆକର୍ଷିତ କରିପାରେ। ଖାସ୍ ସେଥିପାଇଁ ତ ଟିକେ ଶାନ୍ତି ପାଇବା ଆଶାରେ ଏଠାକୁ ବିଭିନ୍ନ ସ୍ଥାନରୁ ଭକ୍ତଗଣ ଧାଇଁ ଆସିଥାନ୍ତି।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ, ଖାସ୍ କରି ବିଭିନ୍ନ ପର୍ବପର୍ବାଣୀ ସମୟରେ ଏଠାକୁ ବୁଲିଗଲେ କିଛିଟା ନିଆରା ଆକର୍ଷଣ ଦେଖିବାକୁ ମିଳିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ପର୍ଯ୍ୟଟକଙ୍କୁ ପ୍ରଥମେ ଉଦୟପୁରରେ ପହଞ୍ଚି ସେଠାରୁ ସୁବିଧାରେ ଏହି ମନ୍ଦିର ନିକଟକୁ ଯିବାକୁ ହୋଇଥାଏ।

## କିଛି ଜାଣିବା କଥା

* ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ମନ୍ଦିରଟି ସକାଳ ୫ଟାରୁ ମଧ୍ୟାହ୍ନ ୧୨ ଏବଂ ଅପରାହ୍ନ ୪ଟାରୁ ରାତି ୯ଟା ଯାଏଁ ଖୋଲା ରହିଥାଏ।

* ଏଠାକୁ ପ୍ରବେଶ କରିବା ପାଇଁ କୌଣସି ଶୁଳ୍କ ଦେବାକୁ ପଡ଼େ ନାହିଁ।

* ତେବେ ଏହି ମନ୍ଦିର ନିକଟରେ ଆହୁରି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଯେମିତିକି ଅନେକ ପ୍ରସିଦ୍ଧ ଦୁର୍ଗ, ଧାର୍ମିକ ପୀଠ, ପାର୍କ ଆଦି ବି ରହିଛି। ପର୍ଯ୍ୟଟକ ଚାହିଁଲେ ଏହି ସବୁ ସ୍ଥାନକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ ।

* ଏଠାକାର ସାତ୍ତ୍ୱିକ ଭୋଜନ ବି ବେଶ୍ ମନଲୋଭା ହୋଇଥାଏ। ଖାସ୍‌କରି କଚୋରୀ ଚାଟ୍ ହେଉଛି ଏଠାକାର ଏକ ପ୍ରସିଦ୍ଧ ଖାଦ୍ୟ; ଯାହାର ସ୍ୱାଦ ବେଶ୍ ନିଆରା ଲାଗେ।

* ସବୁଠୁ ବଡ଼ କଥା ହେଉଛି, ରାଜସ୍ଥାନୀ ପୋଷାକର ଏଠାରେ ଭଲ ଚାହିଦା ରହିଥାଏ। ପର୍ଯ୍ୟଟକ ଚାହିଁଲେ ସୁଲଭ ଦରରେ ଏହାକୁ କିଣି ଆଣିପାରିବେ।



## ଶ୍ରୀକୃଷ୍ଣଙ୍କ ମୁଣ୍ଡରେ ମୟୂର ପୁଚ୍ଛ

ମୟୂର ଆମର ଜାତୀୟ ପକ୍ଷୀ। ଦେଖିବାକୁ ବି ଖୁବ୍ ସୁନ୍ଦର। ମୟୂର ବିଷୟରେ ସମସ୍ତେ ଜାଣନ୍ତି। ତେବେ ଏପରି କିଛି କଥା ଅଛି ଯାହା ଆପଣ ନିଜେ ବି ଜାଣି ନଥିବେ। ମୟୂର ଏକ ବ୍ରହ୍ମଚାରୀ ପକ୍ଷୀ। ଏଣୁ ଏହାର ପୁଚ୍ଛ ପ୍ରତି ଭଗବାନ ଶ୍ରୀକୃଷ୍ଣଙ୍କର ମଧ୍ୟ ଶ୍ରଦ୍ଧା ରହିଛି। ଶ୍ରୀକୃଷ୍ଣ ତାଙ୍କ ମୁଣ୍ଡରେ ମୟୂର ଚନ୍ଦ୍ରିକା ଲଗାନ୍ତି। ଏହି କାରଣରୁ ମୟୂର ପୁଚ୍ଛାରେ ଠାକୁରଙ୍କୁ ବିଞ୍ଚାଯାଏ। ସାଧୁ ସନ୍ଥ ମଧ୍ୟ ମୟୂରର ପୁଚ୍ଛ ବ୍ୟବହାର କରିଥାନ୍ତି।

ମୟୂର କେବେ ବି ଶାରୀରିକ ସମ୍ବନ୍ଧ କରେନି। ଏଣୁ ଏହାକୁ ବ୍ରହ୍ମଚାରୀ ପକ୍ଷୀ କୁହାଯାଏ। ତେବେ ଶାରୀରିକ ସମ୍ପର୍କ ନଥାଇ ମୟୂର ବଂଶ କିପରି ବିସ୍ତାର ହୁଏ ? ଏହା ହିଁ ହେଉଛି ସବୁଠୁ ବଡ଼ ପ୍ରଶ୍ନ। ମୟୂର ଆଖିରୁ ଲୁହ ବୋହିଲେ ତା'କୁ ମୟୂରୀ ଟୁଙ୍କି ଖାଇଥାଏ। ଏଥିରୁ ସେ ଗର୍ଭବତୀ ହୋଇ ଅଣ୍ଡା ଦିଏ। ଯାହାକୁ ସେ ଅନ୍ୟ ପକ୍ଷୀଙ୍କ ଭଳି ଉଷୁମ କରି ଛୁଆ ଫୁଟାଏ। ତେବେ ମୟୂରଙ୍କ ଜୀବନଚର୍ଯ୍ୟାକୁ ନେଇ ଭାରତରେ ଲୋକଙ୍କର ଧାରଣାକୁ ଭୁଲ ବୋଲି କୁହନ୍ତି କେତେକ ପକ୍ଷୀ ବିଷାରଦ। ମୟୂର ପୁରୁଷ ପକ୍ଷୀକୁ ଇଂରାଜୀରେ ପିକକ୍ କୁହାଯାଏ। ସେହିପରି ମୟୂରୀକୁ ପିହେନ କୁହାଯାଇଥାଏ। ମୟୂରୀ ଅପେକ୍ଷା ମୟୁର ଅଧିକ ସୁନ୍ଦର ଓ ଉଜ୍ଜ୍ୱଳ। ମୟୂରର ପକ୍ଷ ଲମ୍ବା ହୋଇଥାଏ । ଏଣୁ ଅଧିକ ଦୂର ପର୍ଯ୍ୟନ୍ତ ଉଡ଼ିପାରେନା। ତେବେ ଅନ୍ୟ ପକ୍ଷୀଙ୍କ ଭଳି ମୟୂର-ମୟୂରୀଙ୍କ ଶାରୀରିକ ସମ୍ପର୍କ ହୋଇଥାଏ ବୋଲି କହନ୍ତି ପକ୍ଷୀ ବିଷାରଦ। ବର୍ଷର ନିର୍ଦ୍ଦିଷ୍ଟ ସମୟରେ ମୟୂରୀ ଅଣ୍ଡା ଦେବା ସହ ଶାବକ ଫୁଟେଇଥାଏ। ଯେଉଁଥିରୁ ସେମାନଙ୍କ ବଂଶବିସ୍ତାର ହେଉଛି। ମୟୂର ଏକ ସର୍ବଭକ୍ଷ ପକ୍ଷୀ। ଏହା ହାନିକାରକ କୀଟପତଙ୍ଗଠାରୁ ଆରମ୍ଭ କରି ଫୁଲ, ମଞ୍ଜି, ଛୋଟ ଛୋଟ ସାପ, ଝିଟିପିଟି ଓ ଚମ୍ପେଇନାଳି ଆଦି ଖାଇଯାଇଥାଏ। ଏଣୁ ମୟୂରକୁ କୃଷକର ବନ୍ଧୁ ବୋଲି ମଧ୍ୟ କୁହାଯାଏ। ମୟୂର ସର୍ବାଧିକ ୨୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଏ। ଏମାନେ ଗୋଷ୍ଠୀଗତ ଜୀବନ ବିତାଇବାକୁ ପସନ୍ଦ କରିଥାନ୍ତି। ଗୋଟି ଗୋଟିଏ ଗୋଷ୍ଠୀରେ ୬ରୁ ୧୦ଟି ପର୍ଯ୍ୟନ୍ତ ମୟୂର ଓ ମୟୂରୀ ଥାଆନ୍ତି। ମୟୂର ଖୁସି ହେଲେ ନୃତ୍ୟ କରିଥାଏ।

# କ୍ରିକେଟ୍‌ରେ ୬ ନିୟମ ପରିବର୍ତ୍ତନ କଲା ଆଇସିସି

ଦୁବାଇ,୨୭।୬/ଏଜେନ୍ସି: କ୍ରିକେଟ୍‌କୁ ଅଧିକ ଦ୍ରୁତ, ନିରପେକ୍ଷ ଏବଂ ରୋଚକ କରିବା ନିମନ୍ତେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ନିକଟରେ ୬ ନିୟମରେ ପରିବର୍ତ୍ତନ କରିଛି। ଟେଷ୍ଟ୍ କ୍ରିକେଟ୍‌ରେ ଏହି ନିୟମ ନୂଆ ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ଶିପ୍ (୨୦୨୫-୨୭) ପାଇଁ ଲାଗୁ ହୋଇସାରିଛି। ସେହିପରି ସୀମିତ ଓଭର୍ (ଦିନିକିଆ ଓ ଟି-୨୦) ଫର୍ମାଟ୍‌ରେ ଏହି ନିୟମ ଜୁଲାଇ ୨ ତାରିଖରୁ ପ୍ରଭାବଶାଳୀ ହେବ। ଆଇସିସି ସମସ୍ତ ଦେଶ ସହିତ ଏହି ନିୟମ ପରିବର୍ତ୍ତନ ସମ୍ପର୍କରେ ସୂଚନା ଶେୟାର୍ କରିଛି।

ଟେଷ୍ଟ୍ କ୍ରିକେଟ୍‌ରେ ଷ୍ଟପ୍ କ୍ଲକ୍ ନିୟମ ଲାଗୁ କରିବାକୁ ଆଇସିସି ନିଷ୍ପତ୍ତି ନେଇଛି। ଏହା ଅନୁସାରେ ଫିଲ୍ଡିଂ ଟିମ୍ ଓଭର୍ ଆରମ୍ଭ କରିବାରେ ୬୦ ସେକେଣ୍ଡରୁ ଅଧିକ ବିଳମ୍ବ କରନ୍ତି, ତେବେ ଟିମ୍‌କୁ ଦୁଇଥର ୱାର୍ଣ୍ଣିଂ ଦିଆଯିବ। ଏହାପରେ ଯଦି ଏହି ନିୟମ ଉଲ୍ଲଂଘନ ହେଲେ ପେନାଲ୍ଟି ଭାବେ ଟିମ୍‌ର ୫ ରନ୍ କଟାଯିବ। ଟି-୨୦ ଏବଂ ଦିନିକିଆ କ୍ରିକେଟ୍‌ରେ ଏହି ନିୟମ ଏକ ବର୍ଷ ପୂର୍ବରୁ ଲାଗୁ ହୋଇସାରିଛି।

ଆଇସିସି ତିନିଟି ଯାକ ଫର୍ମାଟ୍ ପାଇଁ ଶର୍ଟ ରନ୍ ନିୟମରେ ପରିବର୍ତ୍ତନ କରିଛି। ଜାଣିଶୁଣି ଶର୍ଟ ରନ୍ ନେଲେ ପ୍ରଥମେ ୫ ରନ୍‌ର ଜୋରିମାନା କରାଯିବ। ଯଦି ବ୍ୟାଟ୍ସମ୍ୟାନ୍ ଅତିରିକ୍ତ ରନ୍ ଚୋରାଇବା ପାଇଁ ଜାଣିଶୁଣି ରନ୍ ପୂରା ନକରନ୍ତି, ତେବେ ପିଚ୍‌ରେ ଥିବା ଦୁଇ ବ୍ୟାଟସ୍ମ୍ୟାନ୍‌ଙ୍କ ମଧ୍ୟରୁ କିଏ ଷ୍ଟ୍ରାଇକ୍ କରିବାକୁ ବେ ସେ ସମ୍ପର୍କରେ ଅମ୍ପାୟାର୍ ଫିଲ୍ଡିଂ ଟିମ୍‌କୁ ପଚାରିବେ। ୫ ରନ୍‌ର ଜୋରିମାନା ନିୟମ ମଧ୍ୟ ଲାଗୁ ରହିବ।

ବଲ୍‌ରେ ଲାଳ (ସାଲାଇଭା) ଲଗାଇବା ଉପରେ ବ୍ୟାନ୍ ଜାରି ରହିବ। ତେବେ ଭୁଲ୍‌ରେ ଲାଳ ଲଗାଇରେ ବଲ୍ ପରିବର୍ତ୍ତନ ଅନିବାର୍ଯ୍ୟ ହେବନାହିଁ। ଯଦି ବଲ୍ ବହୁତ ଓଦା ହୋଇଯାଏ କିମ୍ବା ସେଥିରେ ଅତିରିକ୍ତ ଚମକ ଦେଖାଦିଏ, କେବଳ ସେପରି ସ୍ଥିତିରେ ଅମ୍ପାୟାର୍ ବଲ୍ ପରିବର୍ତ୍ତନ କରିପାରିବେ।

ଏହି ନିଷ୍ପତ୍ତି ଅମ୍ପାୟାର୍‌ଙ୍କ ବିବେକ ଉପରେ ନିର୍ଭର କରିବ। ଯଦି ସେ ଅନୁଭବ କରନ୍ତି ଯେ ବଲ୍‌ର ସ୍ଥିତିରେ ଅଧିକ ପରିବର୍ତ୍ତନ ହୋଇନାହିଁ ତେବେ ବଲ୍ ପରିବର୍ତ୍ତନ ହେବ ନାହିଁ। ଏହି ନିୟମ ତିନିଟି ଯାକ ଫର୍ମାଟ୍‌ରେ ଲାଗୁହେବ।

ଆଇସିସି କ୍ୟାଚ୍ ନିୟମରେ ମଧ୍ୟ ପରିବର୍ତ୍ତନ କରିଛି। କ୍ୟାଚ୍ ଆଉଟ୍ ରିଭ୍ୟୁ ଭୁଲ୍ ସାବ୍ୟସ୍ତ ହେବା କ୍ଷେତ୍ରରେ ଯଦି ବଲ୍ ପ୍ୟାଡ୍‌ରେ ଲାଗିଥାଏ, ତେବେ ଟିଭି ଅମ୍ପାୟାର୍ ଏଲ୍‌ବିଡବ୍ଲ୍ୟୁର ମଧ୍ୟ ଯାଞ୍ଚ୍ କରିବେ। ବ୍ୟାଟ୍ସମ୍ୟାନ୍ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ ତାଙ୍କୁ ଆଉଟ୍ ଘୋଷିତ କରାଯିବ। ଏହି ନିୟମ ମଧ୍ୟ ତିନିଟିଯାକ ଫର୍ମାଟ୍‌ରେ ଲାଗୁହେବ।

ସଫ୍ଟ ସିଗ୍‌ନାଲ୍ (ଅମ୍ପାୟାର୍‌ଙ୍କ ରିଭ୍ୟୁ) ନିଆଯିବା ଏବଂ ନୋ-ବଲ୍‌ରେ କ୍ୟାଚ୍ ଠିକ୍ ଥାଏ, ତେବେ ବ୍ୟାଟିଂ ଟିମ୍‌କୁ ନୋ-ବଲ୍ ପାଇଁ ଏକ ରନ୍ ମିଳିବ। କ୍ୟାଚ୍ ଠିକ୍ ନଥିଲେ ନୋ-ବଲ୍‌ର ଏକ ରନ୍ ଏବଂ ଦୌଡ଼ିକରି ସଂଗୃହୀତ ରନ୍ ମଧ୍ୟ ମିଳିବ।

ପୂର୍ବରୁ କ୍ୟାଚ୍‌ରେ ସନ୍ଦେହ ହେଲେ ଫିଲ୍ଡ ଅମ୍ପାୟାର୍ ତୃତୀୟ ଅମ୍ପାୟାର୍‌କୁ ରେଫର୍ କରୁଥିଲେ ଏବଂ ଟିଭି ଅମ୍ପାୟାର୍‌ଙ୍କ ଦ୍ୱାରା ନୋ-ବଲ୍ ଘୋଷିତ ହେଉଥିଲେ କ୍ୟାଚ୍‌ର ଯାଞ୍ଚ୍ ହେଉନଥିଲା। ମାତ୍ର ଏବେ ଏହାର ଯାଞ୍ଚ୍ କରାଯିବ। ଏହି ନିୟମ ତିନି ଫର୍ମାଟ୍ ପାଇଁ ଲାଗୁ ହେବ।

ଆଇସିସି ଟି-୨୦ ମ୍ୟାଚ୍ ପାଇଁ ପାୱାରପ୍ଲେ ନିୟମରେ ପରିବର୍ତ୍ତନ କରିଛି। ନୂଆ ପାୱାର୍‌ପ୍ଲେ ନିୟମ ଜୁଲାଇରୁ ଲାଗୁହେବ ଏବଂ ଏଥିରେ ସ୍ପଷ୍ଟ କରାଯାଇଛି ଯେ ଯଦି ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ମ୍ୟାଚ୍‌ର ଓଭର୍ ହ୍ରାସ କରାଯାଏ, ତେବେ ପାୱାରପ୍ଲେ ଓଭର୍ ମଧ୍ୟ ସେହି ଆଧାରରେ ହ୍ରାସ କରାଯିବ। ଏହା ସର୍ବାଧିକ ୫.୪ ଓଭର୍‌ରୁ ସର୍ବନିମ୍ନ ୧.୩ ଓଭର୍ ବିଶିଷ୍ଟ ହେବ। ସେହିପରି ପାୱାରପ୍ଲେ ଅବସରରେ କେବଳ ଦୁଇଜଣ ଫିଲ୍ଡର ୩୦ ଗଜ ପରିସର ବାହାରେ ରହିପାରିବେ। ଏହି ନିୟମ ଛୋଟ ଟି-୨୦ ମ୍ୟାଚ୍‌କୁ ଅଧିକ ସ୍ପଷ୍ଟ ଓ ନିରପେକ୍ଷ କରିବା ପାଇଁ ଲାଗୁ କରାଯାଇଛି।

ଏହା ବ୍ୟତୀତ ଆଇସିସି ଦିନିକିଆ କ୍ରିକେଟ୍‌ରେ ୩୫ତମ ଓଭର୍ ପରେ ଗୋଟିଏ ନୂଆ ବଲ୍ ବ୍ୟବହାରକୁ ଅନୁମତି ଦେଇଥିଲା। ଏହା ଦ୍ୱାରା ଏବେ ଡେଥ୍ ଓଭର୍‌ରେ ଫାଷ୍ଟ୍ ବୋଲର୍‌ଙ୍କୁ ସହାୟତା ମିଳିପାରିବ। ସେହିପରି ବାଉଣ୍ଡାରୀରେ କ୍ୟାଚ୍ ନିୟମରେ ପରିବର୍ତ୍ତନକୁ ମଧ୍ୟ ମଞ୍ଜୁରୀ ମିଳିଥିଲଶ।

# ଟେଷ୍ଟ୍ କ୍ୟାରିୟର୍‌ରେ ପନ୍ତ୍‌ଙ୍କ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

ଦୁବାଇ: ଭାରତୀୟ ୱିକେଟ୍‌କିପର୍ ଋଷଭ ପନ୍ତ୍ ଟେଷ୍ଟ୍ କ୍ୟାରିୟର୍‌ର ସର୍ବଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ହାସଲ କରିଛନ୍ତି। ଆଇସିସି ପକ୍ଷରୁ ଜାରି ଟେଷ୍ଟ୍ ର୍‍ୟାଙ୍କିଙ୍ଗ୍‌ରେ ସେ ନଂ. ୭ରେ ପହଞ୍ଚିଛନ୍ତି। ସେହିପରି ଭାରତୀୟ କ୍ୟାପ୍‌ଟେନ୍ ଶଭମନ ଗିଲ୍ ୫ଟି ସ୍ଥାନ ଉପରକୁ ଠି ୨୦ଶ ସ୍ଥାନରେ ପହଞ୍ଚିଛନ୍ତି। ପନ୍ତ୍ ଲିଡ୍ସ ଟେଷ୍ଟ୍‌ର ଉଭୟ ଇନିଂସ୍‌ରେ ଶତକ ହାସଲ କରିଥିଲେ। ସେ ପ୍ରଥମ ଇନିଂସ୍‌ରେ ୧୩୪ ଏବଂ ଦ୍ୱିତୀୟ ଇନିଂସ୍‌ରେ ୧୧୮ ରନ୍ ସ୍କୋର୍ କରିଛନ୍ତି। ଏହାର ଲାଭ ତାଙ୍କୁ ସଦ୍ୟତମ ର୍‍ୟାଙ୍କିଙ୍ଗ୍‌ରେ ମିଳିଛି। ତାଙ୍କୁ ଗୋଟିଏ ସ୍ଥାନର ଲାଭ ହୋଇଥିବା ବେଳେ ତାଙ୍କ ରେଟିଂ ପଏଣ୍ଟ୍ ୮୦୧ ହୋଇଛି। ଅନ୍ୟପକ୍ଷରେ ପ୍ରଥମ ଇନିଂସ୍‌ରେ ୧୪୭ ରନ୍ କରିଥିବା କ୍ୟାପ୍‌ଟେନ୍ ଗିଲ୍ ୬୬୦ ରେଟିଂ ପଏଣ୍ଟ୍ ସହ ୫ ସ୍ଥାନର ଲମ୍ଫ ପ୍ରଦାନ କରିଛନ୍ତି। ଇଂଲଣ୍ଡ ପକ୍ଷରୁ ୬୨ ଏବଂ ୧୪୯ ରନ୍‌ର ଇନିଂସ୍ ଖେଳି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିବା ବେନ୍ ଡକେଟ୍ ର୍‍ୟାଙ୍କିଙ୍ଗ୍‌ରେ ୫ଟି ସ୍ଥାନର ଲମ୍ଫ ସହିତ ଅଷ୍ଟମରେ ପହଞ୍ଚିଛନ୍ତି। ତାଙ୍କ ସାଥୀ ଖେଳି ଓଲି ପୋପ୍ ଏବଂ ଜେମି ସ୍ମିଥ୍‌ଙ୍କୁ ମଧ୍ୟ ର୍‍ୟାଙ୍କିଙ୍ଗ୍‌ରେ ଯଥାକ୍ରମେ ୩ ଓ ୮ ସ୍ଥାନର ଲାଭ ହୋଇଛି। ଇଂଲଣ୍ଡ ଅନୁଭବୀ ବ୍ୟାଟ୍ସମ୍ୟାନ୍ ଜୋ ରୁଟ୍ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷରେ ଥିବାବେଳେ ତାଙ୍କ ଟିମ୍ ସାଥୀ ହ୍ୟାରୀ ବ୍ରୁକ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବାଂଲାଦେଶର ନଜମୁଲ୍ ହୁସେନ୍ ଶାନ୍ତୋ ୨୧ ସ୍ଥାନର ଲମ୍ଫ ପ୍ରଦାନ କରି ୨୯ ନମ୍ବରରେ ପହଞ୍ଚିଛନ୍ତି। ଲିଡ୍ସ ଟେଷ୍ଟ୍‌ରେ ବିଜୟ ସତ୍ତ୍ୱେ ଇଂଲଣ୍ଡକୁ ଟିମ୍ ର୍‍ୟାଙ୍କିଙ୍ଗ୍‌ରେ ଗୋଟିଏ ପଏଣ୍ଟ୍ କ୍ଷତି ହୋଇଛି। ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ଶିପ୍‌ର ଗତ ସାଇକ୍ଲ ଜିତିଥିବା ସାଉଥ୍ ଆଫ୍ରିକା ଇଂଲିଶ୍ ଟିମ୍‌କୁ ପଛରେ ପକାଇ ଦେଇଛି। ଭାରତୀୟ ଟିମ୍ ଏବେ ବି ଚତୁର୍ଥ ସ୍ଥାନରେ କାଏମ ରହିଛି। ଟେଷ୍ଟ୍ ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ଅଧିକ ପରିବର୍ତ୍ତନ ହୋଇନାହିଁ। ଭାରତୀୟ ଫାଷ୍ଟ୍ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରା ପୂର୍ବପରି ଶୀର୍ଷରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଇନିଂସ୍‌ରେ ସେ ୫ ୱିକେଟ୍ ଅକ୍ତିଆର କରିଥିଲେ। ବଲ୍ ଏବଂ ବ୍ୟାଟ୍ସରେ ପ୍ରଭାବଶାଳୀ ପ୍ରଦର୍ଶନ କରିଥିବା ଇଂଲଣ୍ଡ କ୍ୟାପ୍‌ଟେନ୍ ବେନ୍ ଷ୍ଟୋକ୍ସ ଅଲ୍‌ରାଉଣ୍ଡର ର୍‍ୟାଙ୍କିଙ୍ଗ୍‌ରେ ତିନିଟି ସ୍ଥାନର ଲାଭ ସହିତ ପଞ୍ଚମରେ ପହଞ୍ଚିଛନ୍ତି। ଶ୍ରୀଲଙ୍କା ସହ ଗଲ୍ ଟେଷ୍ଟ୍ ଡ୍ର' ରହିବା ପରେ ବାଂଲାଦେଶର ମୁଶଫିକୁର୍ ରହିମ ୧୧ ସ୍ଥାନର ଲମ୍ଫ ପ୍ରଦାନ କରି ର୍‍ୟାଙ୍କିଙ୍ଗ୍‌ର ୧୧ଶ ସ୍ଥାନକୁ ଉଠିଛନ୍ତି।

# ହକି ଇଣ୍ଡିଆ ମାଷ୍ଟର୍ସ କପ୍ ୨୦୨୫: ଓଡ଼ିଶା ମହିଳା ଚାମ୍ପିଅନ୍




ଚେନ୍ନାଇ: ଓଡ଼ିଶା ମହିଳା ହକି ଟିମ୍ ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ପ୍ରଥମ ମାଷ୍ଟର୍ସ କପ୍ ଚାମ୍ପିଅନ୍ ହୋଇଛି। ସ୍ଥାନୀୟ ମେୟର୍ ରାଧାକୃଷ୍ଣନ୍ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମହିଳା ଫାଇନାଲ୍‌ରେ ଟିମ୍ ପଞ୍ଜାବକ ୧-୦ରେ ହରାଇ ଏହି ଐତିହାସିକ ଉପଲବ୍ଧି ହାସଲ କରିଛି। ସେହିପରି ମହାରାଷ୍ଟ୍ରକୁ ହରାଇ ଆୟୋଜକ ତାମିଲନାଡୁ ପୁରୁଷ ବିଭାଗ ଟାଇଟଲ୍ ହାସଲ କରିଛି। ଏହାବ୍ୟତୀତ ତାମିଲନାଡୁକୁ ହରାଇ ହରିଆଣା ଓ ଓଡ଼ିଶାକୁ ହରାଇ ଚଣ୍ଡିଗଡ଼ ଯଥାକ୍ରମେ ମହିଳା ଓ ପୁରୁଷ ବିଭାଗ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

ମହିଳା ଫାଇନାଲ୍‌ରେ ଉଭୟ ଓଡ଼ିଶା ଓ ପଞ୍ଜାବ ପ୍ରଥମରୁ ଜୋରଦାର ଆରମ୍ଭ କରିଥିଲେ। ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ରଞ୍ଜିତା ବେକ୍ ପୁଣିଥରେ ନିଜର ଦକ୍ଷତା ପ୍ରତିପାଦିତ କରିବା ସହିତ ୩୪ ମିନିଟ୍‌ରେ ବିଜୟୀ ଗୋଲ୍‌ଟି ସ୍କୋର୍ କରି ଓଡ଼ିଶାକୁ ଟାଇଟଲ୍ ଦେଇଥିଲେ। ପୁରୁଷ ଫାଇନାଲ୍‌ରେ ଆୟୋଜକ ତାମିଲନାଡୁ ୫-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ହରାଇଥିଲା। ତାମିଲନାଡୁ ପକ୍ଷରୁ ମୁଥୁସେଲଭାନ୍ ଡି (୩୦ ମିନିଟ୍), ସୁଦର୍ଶନ ଏସ୍ (୩୪ ମିନିଟ୍), ଗୋଭଥାମନ (୩୬ ମିନିଟ୍), ଥାମାରାଇକାନନ (୪୦ ମିନିଟ୍) ଏବଂ ରାମାଦୋସ୍ ଭି (୫୨ ମିନିଟ୍) ଗୋଲ୍ ଦେଇଥିଲେ। ମହାରାଷ୍ଟ୍ର ପକ୍ଷରୁ ଗୋଟିଏ ବି ଗୋଲ୍ ହୋଇପାରି ନଥିଲା।

ମହିଳା ବର୍ଗର ସଂଘର୍ଷପୂର୍ଣ୍ଣ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ହରିଆଣା ୪-୩ ଗୋଲ୍‌ରେ ତାମିଲନାଡୁକୁ ହରାଇଥିଲା। ତାମିଲନାଡୁ ପକ୍ଷରୁ ସୋମ୍ୟା (୪୦, ୪୮ ମିନିଟ୍) ଦୁଇଟି ଗୋଲ୍ କରିଥିବା ବେଳେ କ୍ୟାପ୍‌ଟେନ୍ ମେକ୍ସିଶ୍ ଜେମ୍ସ ୫ମ ମିନିଟ୍‌ରେ ଟିମ୍‌କୁ ଅଗ୍ରଣୀ କରିଥିଲେ। ଅନ୍ୟପକ୍ଷରେ ହକି ହରିଆଣା ପକ୍ଷରୁ ମନୋରାମା ଗୋସ୍ୱାମୀ (୧୯, ୫୬ ମିନିଟ୍) ଏବଂ ଚିଙ୍ଗଶୁବାମ୍ ସାଙ୍ଗାଇ ଇବେମହାଲ୍ (୨୨, ୩୪ ମିନିଟ୍) ଦୁଇଟି ଲେଖାଲଏ ଗୋଲ୍ କରିଥିଲେ।

ପୁରୁଷ ବ୍ରୋଞ୍ଜ୍ ପଦକ ମ୍ୟାଚ୍‌ରେ ଚଣ୍ଡିଗଡ଼ ୨-୧ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରିଥିଲା। ରବିନ୍ଦର ସିଂହ (୨୬ ମିନିଟ୍) ଚଣ୍ଡିଗଡ଼ ପାଇଁ ଖାତା ଖୋଲିଥିବା ବେଳେ ଲଡୁ ଏକ୍କା (୪୪ ମିନିଟ୍) ତୃତୀୟ କ୍ୱାର୍ଟର ଶେଷ ହେବା ପୂର୍ବରୁ ସ୍ଥିତି ସମାନ କରିଥିଲେ। ଏହା ପରେ ଅଗ୍ରଣୀ ହାସଲ ପାଇଁ ଦୁଇ ଟିମ୍ ଉଦ୍ୟମ ଚଳାଇଥିବା ବେଳେ ୫୨ତମ ମିନିଟ୍‌ରେ ହରବିନ୍ଦର ସିଂହ ଚଣ୍ଡିଗଡ଼ ପକ୍ଷରୁ ବିଜୟୀ ଗୋଲ୍‌ଟି ଦେଇ ଓଡ଼ିଶାକୁ ନିରାଶ କରିଥିଲେ।

## ନଭେମ୍ବର ୨୦ରୁ ଭାରତୀୟ ଶୁଟିଂ ଲିଗ୍

ନୂଆଦିଲ୍ଲୀ: ଭାରତୀୟ ଜାତୀୟ ରାଇଫଲ୍ ସଂଘ (ଏନ୍‌ଆର୍‌ଏଆଇ) ପକ୍ଷରୁ ଶୁଟିଂର ପ୍ରତିଯୋଗିତାମୂଳକ ଢାଞ୍ଚାକୁ ପୁନଃଆକୃତି ପ୍ରଦାନ ପାଇଁ ଫ୍ରାଞ୍ଚାଇଜ୍ ଆଧାରିତ ଶୁଟିଂ ଲିଗ୍ ଅଫ୍ ଇଣ୍ଡିଆ (ଏସ୍‌ଏଲ୍‌ଆଇ) ଆରମ୍ଭ ହୋଇଛି। ଏହି ଲିଗ୍ ପ୍ରତି ସାରା ବିଶ୍ୱର ଶୁଟର୍‌ଙ୍କ ଉତ୍ସାହ ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ଆମେରିକାର, ଇଂଲଣ୍ଡ, କଜାଖସ୍ତାନ, ଇଟାଲୀ, ଇରାନ୍, ଜର୍ମାନୀ, ଅଷ୍ଟ୍ରେଲିଆ ସମେତ ୨୦ଟି ଦେଶର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଶୁଟର୍ ଏଥିପାଇଁ ନାମ ପଞ୍ଜୀକୃତ କରିସାରିଛନ୍ତି। ଲିଗ୍‌ର ପ୍ରଥମ ସଂସ୍କରଣ ଚଳିତ ବର୍ଷ ନଭେମ୍ବର ୨୦ରୁ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ମିକ୍ସଡ୍ ଟିମ୍ ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଲିଗ୍‌ରେ ପିସ୍ତଲ (୧୦ମି., ୨୫ ମି.) ରାଇଫଲ୍ (୧୦ ମି, ୫୦ ମି., ଥ୍ରୀ-ପୋଜିସନ୍) ଏବଂ ଶଟ୍‌ଗନ୍ (ଟ୍ରାପ୍ ଓ ସ୍କିଟ୍) ଇଭେଣ୍ଟ ସାମିଲ ହୋଇଛି। ଟୁର୍ଣ୍ଣାମେଣ୍ଟ୍‌ରେ ଅତିକମ୍‌ରେ ୬ ଟିମ୍ ଲିଗ୍ ପର୍ଯ୍ୟାୟରେ ଦୁଇଟି ପୁଲ୍‌ରେ ଭାଗନେବେ। ପ୍ରତିଯୋଗୀଙ୍କୁ ଚାରିଟି ବର୍ଗ ଯଥା ଏଲିଟ୍ ଚାମ୍ପିଅନ୍, ୱାର୍ଲ୍ଡ ଏଲିଟ୍, ନାସ୍‌ନାଲ୍ ଚାମ୍ପିଅନ୍ ଏବଂ ଜନିୟର୍ ଓ ୟୁଥ୍ ଚାମ୍ପିଅନ୍‌ରେ ଭାଗ କରାଯିବ। ଏନ୍‌ଆର୍‌ଏଆଇ ଅଧକ୍ଷ କଳିକେଶ ନାରାୟଣ ସିଂହଦେଓ କହିଛନ୍ତି, ଭାରତୀୟ ଶୁଟିଂ ଲିଗ୍‌କୁ ନେଇ ଯେପରି ପ୍ରତିକ୍ରିୟା ମିଳୁଛି ତାହା ଆମକୁ ଉତ୍ସାହିତ କରିଛି।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।

**ଯୋଗାଯୋଗ -**
**ରଣଜିତ୍ ପଟ୍ଟନାୟକ**
**ମୁଖ୍ୟ ପ୍ରତିନିଧି**
Email: mediatejaswini@gmail.com

**TARIFF**
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra**, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର